## ସଂକ୍ଷେପରେ

### ରାଜପଥରେ ଦୁର୍ଘଟଣା: ଜଣେ ମୃତ, ୨ଗୁରୁତର

**ରୂପସା ୧୭।୭(ଡି.ଏନ.ଏ.):** ବାଲେଶ୍ୱର ଦେଇ ଯାଇଥିବା ୬୦ନଂ. ଜାତୀୟ ରାଜପଥରେ ସଦରଥାନା ଅନ୍ତର୍ଗତ ଓଡଙ୍ଗୀ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ଏକ ଟ୍ରକରୁ ହେଲପର ତଳକୁ ଖସିପଡି ମୃତ୍ୟୁମୁଖରେ ପଡିଛନ୍ତି । ତାଙ୍କ ପରିଚୟ ଜଣାପଡି ନାହିଁ । ଏହି ସମୟରେ ଏକ ଅଟୋ ରିକ୍ସା ଟ୍ରକ ପଛରେ ପିଟି ହୋଇଯିବାରୁ ଡ୍ରାଇଭରଙ୍କ ସମେତ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଟ୍ରକ ହେଲ୍ପରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣାଗ୍ରସ୍ତ ଟ୍ରକଟି ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିଲା । ପେଟ୍ରୋଲ ପମ୍ପ ନିକଟରେ ଟ୍ରକର ହେଲପର ହଠାତ୍ ଭାରସାମ୍ୟ ହରାଇ ଖସିପଡି ଗୁରୁତର ଆହତ ହୋଇଥିଲେ । ଏହି ସମୟରେ ଭୋଗରାଇ ଅଭିମୁଖେ ଯାଉଥିବା ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ଟ୍ରକର ପଛପଟେ ପିଟି ହୋଇ ଅଟୋ ରିକ୍ସା ଡ୍ରାଇଭର ଓ ହେଲପର ଆହତ ହୋଇଥିଲେ । ପୋଲିସ ପହଞ୍ଚି ୩ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଏହି ଦୁର୍ଘଟଣା ନେଇ ପୋଲିସ ଏକ ମାମଲା(ନଂ. ୨୨୨/୧୯) ରୁଜୁ କରି ତଦନ୍ତ ଜରି ରଖିଥିବା କହିଛି।

### ଇପିଏଫ୍, ଇଏସ୍ଆଇ ଅର୍ଥ ହଡ଼ପ ଅଭିଯୋଗ

**ବାଲେଶ୍ୱର ଅଫିସ.୧୭।୭:** ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ କାର୍ଯ୍ୟରତ ଏନଆରଇଜିଏ ଆସିଷ୍ଟାଣ୍ଡ ଠିକା କର୍ମଚାରୀଙ୍କ ଦରମାରୁ ଇଏସଆଇ, ଇପିଏଫ୍ ଅର୍ଥ କାଟ କରାଯାଉଥିଲେ ମଧ୍ୟ ତାହାକୁ ଜମା କରାଯାଉ ନ ଥିବାର ଅଭିଯୋଗ ହୋଇଛି। ଜିଲାର ୧୨ଟି ବ୍ଲକରେ ୧୨ଜଣ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ୨ ଜଣଙ୍କୁ ମିଶାଇ ୧୪ ଜଣ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସହକାରୀ କର୍ମଚାରୀଭାବେ କାର୍ଯ୍ୟ କରୁଛନ୍ତି। ଯାଜପୁର ଜିଲା ପାଣିକୋଇଲି ଅଞ୍ଚଳର ଏକ ସଂସ୍ଥା ସେମାନଙ୍କୁ ବାଲେଶ୍ୱର ଜିଲାରେ ନିଯୁକ୍ତି ଦେଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଏହି ସହକାରୀ କର୍ମଚାରୀଙ୍କ ନିମନ୍ତେ ସମ୍ପୃକ୍ତ ସଂସ୍ଥାକୁ ଅର୍ଥ ପୈଠ କରାଯାଉଛି। ହେଲେ କର୍ମଚାରୀଙ୍କ ଇଏସଆଇ ଓ ଇପିଏଫ୍ ବାବଦ ଟଙ୍କା ଜମା କରାଯାଉ ନ ଥିବାରୁ ଏହାକୁ ବାଟମାରଣା କରାଯାଉଥିବା ସନ୍ଦେହ କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଏହି କର୍ମଚାରୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସର୍ବେଶ୍ୱର ସିଂଙ୍କୁ ପଚାରିବାରୁ ସେ ଏ ବାବଦରେ କିଛି ଜାଣିନାହାଁନ୍ତି, ଯଦି ଏପରି ହେଉଥାଏ ସେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

### ବିଶ୍ୱଭୂଷଣଙ୍କୁ ଅଭିନନ୍ଦନ

**ବାଲିଆପାଳ,୧୭।୭(ଡି.ଏନ.ଏ.):** ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଆନ୍ଧ୍ର ରାଜ୍ୟପାଳ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଥିବାରୁ ଏହାକୁ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ସ୍ୱାଗତ କରିଛନ୍ତି । ଏଥିସହ ସେ ବିଶ୍ୱଭୂଷଣ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସାଙ୍ଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସଚେତନତା ଦ୍ୱାରା ନିଶା ନିବାରଣ ସମ୍ଭବ

**ବାଲେଶ୍ୱର ଅଫିସ.୧୭।୭**



ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଗଣ।

ବାଲେଶ୍ୱର ଜିଲା ରେମୁଣା ବାଳିକା ବିଦ୍ୟାଳୟ ପରିସରରେ ବୁଧବାର ଅପରାହ୍ନରେ ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ 'ମୋନା'ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାଶ ମୁଖ୍ୟଅତିଥି ଭାବେ ଭାବରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ ସଚେତନତା ସୃଷ୍ଟି ଦ୍ୱାରା ନିଶା ନିବାରଣ ସମ୍ଭବ। ନିଶା ବିରୋଧି ଅଭିଯାନରେ ଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ପାରିବେ । ସେମାନେ ସଚେତନ ହୋଇ ଭବିଷ୍ୟତରେ ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ତୁଲାଇବା ସହ ନିଜକୁ ଆଦର୍ଶ ଗୃହିଣୀ ଓ ମା'ର ଭୂମିକା ନିଭାଇ ପାରିବେ। ଏହା ଦ୍ୱାରା ଆମ ଦେଶ ସାରା ବିଶ୍ୱରେ ବିକଶିତ ହୋଇ ପାରିବ। ବର୍ତ୍ତମାନର ଯୁବଗୋଷ୍ଠୀ ନିଶା ଦ୍ୱାରା କବଳିତ । ଏଥିଲାଗି ମହିଳାମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଛାତ୍ରୀମାନେ ଏ ସମ୍ପର୍କରେ ସଚେତନ ହେବା ଉଚିତ ବୋଲି ସେ କହିଥିଲେ। ଅନୁଷ୍ଠାନର ଜିଲା ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର 'ମୋନା'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉପଦେଷ୍ଟା ସୁବ୍ରତ କର ଛାତ୍ରୀମାନେ ସମାଜରେ ନିଜକୁ ଆଦର୍ଶ ନାରୀଭାବେ ପ୍ରତିଷ୍ଠିତ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଚାଳନା କମିଟି ତରଫରୁ ଲକ୍ଷ୍ମୀଧର ଦାସ, ଗୌରାଙ୍ଗ ଚନ୍ଦ୍ର ଦାସ, ଶିକ୍ଷକ ରୋହିତ କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ସେଠୀ ଓ 'ମୋନା'ର ଜିଲା ସଂଗଠନ ତରଫରୁ ଡ.କ୍ଷିତିଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ସୀତାନାଥ ଦାସ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ।

## ଘର ନିକଟରେ ୩୩ କେଭି ବିଦ୍ୟୁତ୍ ତାର ଟଣାକୁ ବିରୋଧ

**ଜଳେଶ୍ୱର,୧୭।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ବର୍ଡ୍ଡନା ପଞ୍ଚାୟତ ଆକବରପୁର ଗ୍ରାମରେ ବାସଗୃହ ନିକଟରେ ୩୩ କେଭି ବିଦ୍ୟୁତ୍ ତାର ଟଣା ଯାଉଥିବାରୁ ସମ୍ପୃକ୍ତ ପରିବାର ତରଫରୁ ଏହାକୁ ବିରୋଧ କରାଯାଇଛି। ଉକ୍ତ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ବାସଗୃହଠାରୁ ଅତିକମ୍‌ରେ ୧୫ ଫୁଟ୍‌ରୁ ଉର୍ଦ୍ଧ୍ୱ ଦୂରତାରେ ଟଣାଯିବା ବିଦ୍ୟୁତ୍ ଆଇନରେ ବ୍ୟବସ୍ଥା ଥିବା ଏହାକୁ ଅଣଦେଖା କରାଯାଉଛି। ଏଭଳି କାର୍ଯ୍ୟକୁ ତୁରନ୍ତ ରୋକା ନ ଗଲେ ସମ୍ପୃକ୍ତ ପରିବାର ଲୋକେ ଜଳେଶ୍ୱର ସ୍ଥିତ ନେସ୍କୋ ନିର୍ବାହୀଯନ୍ତ୍ରୀଙ୍କ ଅଫିସ୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ମଙ୍ଗଳବାର ଲିଖିତଭାବେ ଜଣାଇଛନ୍ତି। ଏନେଇ ଜଳେଶ୍ୱର ନେସ୍କୋ ନିର୍ବାହୀଯନ୍ତ୍ରୀ ହରିଶ କୁମାର ପଣ୍ଡାଙ୍କୁ ପଚାରିବାରୁ ବିଦ୍ୟୁତ ଆଇନ ଓ ଗାଇଡଲାଇନ ମୁତାବକ ତାରଟଣା କାର୍ଯ୍ୟ ଚାଲୁ ରହିଛି। ତେବେ ସେ ସ୍ଥିତି ଅନୁଧ୍ୟାନ କରି ଦେଖିବେ ବୋଲି କହିଛନ୍ତି।

## ବର୍ଡ୍ଡନା ବଜାରରୁ ଦୋକାନ ଉଚ୍ଛେଦ



ବର୍ଡ୍ଡନା ବଜାରରେ ଦୋକାନ ଉଚ୍ଛେଦ କରାଯାଉଛି ।

**ଖଇରା,୧୭।୭(ଡି.ଏନ.ଏ)**

ବାଲେଶ୍ୱର ଜିଲା ଖଇରା ଓ ବନ୍ତ ବ୍ଲକକୁ ସଂଯୋଗ କରୁଥିବା ବର୍ଡ୍ଡନା-ଆଗରପଡା ରାସ୍ତା ପ୍ରଶସ୍ତୀକରଣ ଲାଗି ବୁଧବାର ବର୍ଡ୍ଡନା ବଜାରରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ମାସକ ତଳେ କେତେକ ବ୍ୟବସାୟୀ ନିଜ ଉଦ୍ୟମରେ ଦୋକାନ ଉଠାଇ ନେଇଥିଲେ। ପାଖାପାଖି ୧୩୦ ଦୋକାନୀଙ୍କୁ ନୋଟିସ ଜାରି କରାଯାଇଥିଲା । ପୂର୍ବରୁ ଅର୍ଦ୍ଧାଧିକ ଦୋକାନୀ ଜାଗା ଛାଡି ଦେଇଥିଲେ ମଧ୍ୟ ଅନ୍ୟମାନେ ଦୋକାନ ଛାଡିବାକୁ ପ୍ରସ୍ତୁତ ନ ଥିଲେ । ପ୍ରଶାସନ ପକ୍ଷରୁ ଆଗ ବିକଳ୍ପ ବ୍ୟବସ୍ଥା କରାଯାଇ ଦୋକାନ ଭଙ୍ଗାଯାଉ ବୋଲି ସେମାନେ ଜିଦ ଧରିଥିଲେ । ବୁଧବାର ପୂର୍ବାହ୍ନରେ ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ, ଏଏସଆଇ ପ୍ରଦୀପ କୁମାର ମହାନ୍ତି ଏକ ପ୍ଲାଟୁନ ପୋଲିସ ସହ ପହଞ୍ଚିଥିଲେ। ବର୍ଡ୍ଡନା ରାଜସ୍ୱ ନିରୀକ୍ଷକ ବସନ୍ତ ପାତ୍ର, ହରିହର ଶିଅଳ ପ୍ରମୁଖ ଉପସ୍ଥିତି ଥିଲେ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଚାଲୁ ରହିଥିଲା। ଅଇଥାନ ପୂର୍ବରୁ ଦୋକାନ ଉଚ୍ଛେଦ ଯୋଗୁ ଜୀବିକା ହରାଇଥିବା ବହୁ ଦୋକାନୀ ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ଆହାର କେନ୍ଦ୍ରକୁ ଆସି ଫେରୁଛନ୍ତି ଲୋକେ

**ଜଳେଶ୍ୱର, ୧୭।୭ (ଡି.ଏନ୍.ଏ.):** ରାଜ୍ୟସରକାରଙ୍କ ଆହାର ଯୋଜନା ଏବେ ଜଳେଶ୍ୱରରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଜଳେଶ୍ୱର ସହର ନୂଆବଜାରସ୍ଥିତ ଜିକେ ଭଞ୍ଜର ସରକାରୀ ଡାକ୍ତରଖାନା ପରିସରରେ ଗତ ଜାନୁୟାରୀ ୧ରେ ଜିଲାପାଳଙ୍କ ଅନୁମୋଦନ କ୍ରମେ ଆହର କେନ୍ଦ୍ର ଖୋଲିଥିଲା। ସେତେବେଳେ ଦୈନିକ ୩ ଶହ ମିଲ୍ ବିକିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟମାନେ ଏହି ଯୋଜନାର ସୁଫଳ ପାଇବେ ବୋଲି ଲକ୍ଷ୍ୟ ରଖାଯାଇଥିଲା। ପରେ ୩ ଶହ ପରିବର୍ତ୍ତେ ୫୦ ମିଲ୍ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ଆହାର କେନ୍ଦ୍ରକୁ ଯାଇ ଅନେକେ ମିଲ୍ ନପାଇ ଫେରୁଛନ୍ତି। ମିଲ୍ ହ୍ରାସ ବିଷୟରେ ଜଳେଶ୍ୱର ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ହୃଷିକେଶ ପାଣିଙ୍କୁ ପଚାରିବାରୁ ଆହାର କେନ୍ଦ୍ର ଜଳେଶ୍ୱର ମ୍ୟୁନିସିପାଲଟି ଅଞ୍ଚଳରେ ଥିଲେ ମଧ୍ୟ ବାଲେଶ୍ୱର ମ୍ୟୁନିସିପାଲିଟି ସମସ୍ତ ଦାୟିତ୍ୱ ତୁଲାଉଛି ବୋଲି କହିଛନ୍ତି।

## 'ନୀଳରକ୍ତ କଙ୍କଡ଼ାଙ୍କ ସୁରକ୍ଷା ପାଇଁ ସଭା, କବିତା ଆସର, ଚିତ୍ରକଳା ପ୍ରଦର୍ଶନୀ

**ବାଲେଶ୍ୱର ଅଫିସ,୧୭।୭**

ବାଲେଶ୍ୱର ଜିଲାର ସମୁଦ୍ର ବେଳାଭୂମିରେ ଦେଖିବାକୁ ମିଳୁଥିବା ବିରଳ ନୀଳରକ୍ତ କଙ୍କଡାକୁ ଜୈବ ଐତିହ୍ୟ ଘୋଷଣା କରାଯାଇ ଏହାର ସୁରକ୍ଷା ନିଆଯିବା ଜରୁରୀ ବୋଲି ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଦାବି କରାଯାଇଛି। ନୋସି କଲଚୁରାଲ ଏକାଡ଼େମୀ ଓ କନ୍ୟା ଅନମୋଲ ଅନୁଷ୍ଠାନ ପକ୍ଷରୁ ବାଲେଶ୍ୱର ନୋସି ଉତ୍କଳା ମୁକ୍ତ ମଞ୍ଚରେ ଆୟୋଜିତ 'କେବଳ ନୀଳରକ୍ତ କଙ୍କଡ଼ା ପାଇଁ' କାର୍ଯ୍ୟକ୍ରମରେ ଆଲୋଚନା ସଭା, କବିତା ଆସର ଓ ଚିତ୍ର ପ୍ରଦର୍ଶନୀ ଆଦି ଅନୁଷ୍ଠିତ ହୋଇଥିଲା। ଶିଳ୍ପୀ କେଶୁଦାସ ପ୍ରଥମେ ମଞ୍ଚ ଆହ୍ୱାନ କରି ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଯୁବ ବିକାଶର ମୁଖ୍ୟ ଗୋବିନ୍ଦ ବଲ୍ଲଭ ଦଳାଇ ସଭା ପରିଚାଳନା କରିଥିଲେ। କବି ଡ. ରବି ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ନୀଳରକ୍ତ କଙ୍କଡ଼ାକୁ ଜୈବ ଐତିହ୍ୟ ଘୋଷଣା କରାଯିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଜୈବ ବିଜ୍ଞାନ ପ୍ରଯୁକ୍ତି ବିଭାଗର ପ୍ରଫେସର ଡ. ବିଷ୍ଣୁ ପ୍ରସାଦ ଦାଶ, ସିଦ୍ଧେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ଏବିସିର ମୁଖ୍ୟ ଡ. ସିଦ୍ଧାର୍ଥ ପତି ଆଲୋଚନାରେ ଭାଗନେଇ ବିରଳ ପ୍ରଜାତିର ନୀଳରକ୍ତ କଙ୍କଡ଼ାଙ୍କ ସୁରକ୍ଷା ଓ ଗବେଷଣା ପାଇଁ ଅନ୍ୟ ଦେଶରେ ସରକାର ଗୁରୁତ୍ୱ ଦେଉଥିବାବେଳେ ଭାରତ ତଥା ଓଡ଼ିଶା ସରକାରଙ୍କ ଭୂମିକା ଅତି ନୈରାଶ୍ୟଜନକ ବୋଲି କହିଥିଲେ।

ଏହି ଅବସରରେ ନୀଳରକ୍ତ କଙ୍କଡ଼ା ଆଧାରିତ କବିତା ଆସରରେ କବି ସୁଧାକର ସେଠୀ ସଂଯୋଜନା କରିଥିଲେ। ପ୍ରବୀର କୁମାର କମିଲା, ପ୍ରଣତି ମହାପାତ୍ର, ଦେବାଶିଷ ସିଂହ, ସଞ୍ଜୟ କୁମାର ପଣ୍ଡା, ରାଜେନ୍ଦ୍ର ଗିରି, ତୃପ୍ତିରାଣୀ ପାତ୍ର, ସୌମ୍ୟରଞ୍ଜନ ପାଳ, ଗଗନ ସେଠୀ, ରଞ୍ଜିତ ପୃଷ୍ଟି, ପ୍ରଭାକର ସାହୁ ପ୍ରମୁଖ କବି ଓ କବୟିତ୍ରୀ ସ୍ୱରଚିତ କବିତାମାନ ପାଠ କରିଥିଲେ। ଚିତ୍ରକଳା ପ୍ରଦର୍ଶନୀରେ ପ୍ରୀତମ ନାୟକ ଆକର୍ଷଣୀୟ ଇନ୍‌ଷ୍ଟାଲେଶନ ଆର୍ଟ ପ୍ରଦର୍ଶନ କରି ନୀଳରକ୍ତ କଙ୍କଡ଼ା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଶିଳ୍ପୀ କେଶୁ ଦାସ ଓ ଦେବାଶିଷ ପତି ପ୍ରମୁଖ ଚିତ୍ର ପ୍ରଦର୍ଶନ କରିଥିଲେ। କଣ୍ଠଶିଳ୍ପୀ ଦେବାଶିଷ, ଜୀବନ, ଭାଗ୍ୟଶ୍ରୀ, କୁମାର ସୋନୁ, ମାନସ ପ୍ରମୁଖ ସଙ୍ଗୀତ ଏବଂ କୌଶଲ୍ୟା ମଲ୍ଲିକ, କୁମାର ସୌମ୍ୟ, ସ୍ୱୟଂଶ୍ରୀ ଚାନ୍ଦ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସମାଜସେବୀ ବିଜୟ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ

**ଜଳେଶ୍ୱର,୧୭।୦୭ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ନିର୍ବାଚନମଣ୍ଡଳୀର ଭାଜପା ତରଫରୁ ବୁଧବାର ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଓ ସୁବର୍ଣ୍ଣରେଖା ମଣ୍ଡଳ ଅଞ୍ଚଳରେ ସଦସ୍ୟତା ସଂଗ୍ରହ ଅଭିଯାନ ଗ୍ରହଣ କରାଯାଇଥିଲା। ରାଇବଣିଆ ସ୍ଥିତ ଗହୀରାଖାଲ ଡାକବଙ୍ଗଳା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବର୍ତ୍ତମାନର ବିଧାୟକ ତଥା ବରିଷ୍ଠ ଭାଜପା ନେତା ଜୟନାରାୟଣ ମହାନ୍ତି ଯୋଗ ଦେଇଥିଲେ। ଉଭୟ ମଣ୍ଡଳ ଅଧୀନ ୧୪ ପଞ୍ଚାୟତରୁ ୩ ଶହରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କ ସଦସ୍ୟତା ସଂଗ୍ରହ କରାଯାଇଥବା ଦଳ ପକ୍ଷରୁ କୁହାଯାଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିଛି ନାହିଁ ତାହାକୁ ତଦାରଖ କରିବା ସହିତ ଦଳର ସାଂଗଠନିକ ସ୍ଥିତି ସଜାଡିବାକୁ କର୍ମୀଙ୍କୁ କୁହାଯାଇଥିଲା। ଏହି ଅଭିଯାନରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଭିଜିତ ପ୍ରଧାନ, ଯୁବନେତା ଦିବ୍ୟକାମ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଧାଂଶୁ ଶେଖର ଘୋଷ, ଶାନ୍ତନୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ସଦସ୍ୟ ସଂଗ୍ରହ ଅଭିଯାନରେ ଯାଇଥିବା ଭାଜପା କର୍ମୀମାନେ।

## ଯୋଗ ସମିତିର ଗୁରୁପୂଜନ କାର୍ଯ୍ୟକ୍ରମ

**ବାଲିଆପାଳ,୧୭।୭(ଡି.ଏନ.ଏ.)**

ବାଲିଆପାଳସ୍ଥିତ ପତଞ୍ଜଳୀ ଯୋଗ ସମିତି ପକ୍ଷରୁ ବ୍ୟାସଦେବଙ୍କ ଜୟନ୍ତୀ ପାଳନ ଉଦ୍ଦେଶ୍ୟରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ମଙ୍ଗଳବାର ଗୁରୁପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୋଗ ଶିକ୍ଷକ ଜଗନ୍ନାଥ ଦେ ଓ ଯୋଗ ସମିତିର ମୁଖ୍ୟ ଏ କେ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ସମିତିର ସଦସ୍ୟା ଓ ସଦସ୍ୟମାନେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ମୋହନ ବେହେରା, ଶିକ୍ଷାବିତ ବୀର ମାଧବ ଦାସ, ଜ୍ୟୋତିର୍ବିଦ୍ ଅଭିମନ୍ୟୁ ଦାସ, ଅଚ୍ୟୁତ କୁମାର ରାଉତ, ବିନୋଦ ଜେନା,ସୁନୀଲ ଗିରି, ନିର୍ମଳା ପ୍ରଧାନ, ବାସନ୍ତୀ ନାୟକ,କନକ ପ୍ରମାଣିକ ପ୍ରମୁଖ ଯୋଗ ଦେଇଥିଲେ।

## ପଲିଥିନ ମୁକ୍ତ ସହର ଅଭିଯାନ



ପୌର ଅଧିକାରୀ ଦୋକାନକୁ ଯାଇ ବୁଝାଉଛନ୍ତି।

**ଜଳେଶ୍ୱର, ୧୭।୭ (ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳକୁ ପଲିଥିନ ମୁକ୍ତ କରିବା ଲାଗି ଅଭିଯାନ ଆରମ୍ଭ ହୋଇଛି। ବୁଧବାର ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ହୃଷିକେଶ ପାଣିଙ୍କ ନେତୃତ୍ୱରେ ଏକ ଟିମ୍ ସହରର ବଡ଼ବଜାର ଠାରୁ ଷ୍ଟେଶନବଜାର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବିଭିନ୍ନ ଦାକାନକୁ ଯାଇ ପଲିଥିନ ବ୍ୟବହାର ନ କରିବା ଲାଗି ପ୍ରବର୍ତ୍ତାଇଥିଲେ। ପରିବେଶ ଆଇନ୍ ସମ୍ମତ ନିର୍ଦ୍ଦିଷ୍ଟ କ୍ୱାଲିଟିର ପଲିଥିନ ବ୍ୟବହାର କରିବାକୁ ଦୋକାନୀମାନଙ୍କୁ କୁହାଯାଇଥିଲା। ପଲିଥିନ ବ୍ୟବହାର କମିଲେ ପରିବେଶ ପ୍ରଦୂଷଣକୁ ରୋକାଯାଇ ପାରିବ ଏବଂ ପଲିଥିନ ମୁକ୍ତ ଜଳେଶ୍ୱର ସହର ଗଠନ ହୋଇପାରିବ ବୋଲି ସେମାନେ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ଟିମ୍‌ରେ ମ୍ୟୁନିସିପାଲିଟିର କର୍ମଚାରୀ ମନୋରଞ୍ଜନ ପରିଡ଼ା,ଅନୟ ବ୍ରହ୍ମ, ପ୍ରଦୀପ କର, ପଦ୍ମଲୋଚନ ବେହେରା, ଅଜୟ ଦେ, ସୁଶୀଲ କୁମାର ସେଣ ପ୍ରମୁଖ ଅଂଶ ଗ୍ରହଣ ହୋଇଥିଲେ।

## ମାନବିକତା ଦେଖାଇଲେ ଯୁବ ଗୋଷ୍ଠୀ

**ଖଇରା,୧୭।୭(ଡି.ଏନ.ଏ.)**



ଚିକିତ୍ସାଧୀନ ମହିଳାଙ୍କ ନିକଟରେ ତାଙ୍କୁ ଆଣିଥିବା ଯୁବ ଗୋଷ୍ଠୀ।

ବାଲେଶ୍ୱର ଜିଲା ଖଇରା -ଫତେପୁର ରାସ୍ତାର ଖଇରା ଠାରୁ ୧୦୦ମିଟର ଦୂରରେ ବୁଧବାର ସକାଳ ଜଣେ ଅପରିଚିତା ମହିଳା ଅଚେତ ଅବସ୍ଥାରେ ପଡି ରହିଥିଲେ। କେବଳ ନିଃଶ୍ୱାସ ଟିକକ ଚାଲୁଥିଲା। ସେହି ରାସ୍ତା ଦେଇ ଯାଉଥିବା ଅନେକ ପଥଚାରୀ ଓ ବାଇକ ଆରୋହୀ ମହିଳାଙ୍କର ଏଭଳି ଅବସ୍ଥା ଦେଖି ନ ଦେଖିଲା ଭଳି ପଳାଇ ଯାଉଥିଲେ । ତାଙ୍କୁ ଡାକ୍ତରଖାନା ନେବା ପାଇଁ ଯେମିତି କାହାରି ପାଖରେ ସମୟ ନ ଥିଲା। ସେହି ରାସ୍ତା ଦେଇ ଯାଉଥିବା ବିଶିଷ୍ଟ ଯୁବ ତବଲା ବାଦକ ବିମଳେନ୍ଦୁ ଜେନା ଏହି ମହିଳାଙ୍କ ନିକଟକୁ ଯାଇ ତାଙ୍କ ଅବସ୍ଥା ଦେଖିଥିଲେ । ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା କମଳାକାନ୍ତ ନାୟକ, ମନୋରଞ୍ଜନ ମହାନ୍ତି, ବାବୁ ଦଳେଇ ପ୍ରମୁଖ କେତେକ ଯୁବକଙ୍କୁ ସେ ସହଯୋଗ ପାଇଁ ଡାକିଥିଲେ। ଏହା ପରେ ଏହି ଯୁବଗୋଷ୍ଠୀର ଉଦ୍ୟମରେ ମହିଳାଙ୍କୁ ଏକ ଅଟୋ ରିକ୍ସାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥାରେ ସୁଧାର ନ ଆସିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଆମ୍ବୁଲାନ୍ସରେ ବାଲେଶ୍ୱର ପଠାଯାଇଥିଲା। ଯୁବ ତବଲା ବାଦକ ବିମଳେନ୍ଦୁଙ୍କ ସମେତ ଅନ୍ୟ ଯୁବକମାନେ ମାନବିକତା ପ୍ରଦର୍ଶନ କରି ଜଣେ ଅପରିଚିତ ଅସହାୟ ମହିଳାଙ୍କୁ ଜୀବନଦାନ ଦେବା ଲାଗି ଉଦ୍ୟମ କରିବା କାର୍ଯ୍ୟକୁ ସଚେତନ ନାଗରିକମାନେ ପ୍ରଶଂସା କରିଛନ୍ତି।

## ୨୫ ଲକ୍ଷରେ ଜଗନ୍ନାଥଙ୍କ କୁଡୁଆ ପ୍ରସାଦ ନିଲାମ

**ନୀଳଗିରି, ୧୭।୭ (ଡି.ଏନ.ଏ.)**

- ଭକ୍ତମାନେ ଏଣିକି ପାଇବେ ନିୟମିତ ପ୍ରସାଦ
- ବିବାଦୀୟ ସ୍ଥିତି ଯୋଗୁ ୯ ମାସ ଧରି ନିଲାମ ବନ୍ଦ ରହିଥିଲା
- କୋର୍ଟ ନିର୍ଦ୍ଦେଶ ବାଟ ଫିଟାଇଲା

ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ଦୀର୍ଘ ୯ ମାସ ପରେ ବୁଧବାର 'କୁଡୁଆ ପ୍ରସାଦ' ପ୍ରସ୍ତୁତି ଲାଗି ନିଲାମ ଦିଆଯାଇଛି । ପୂର୍ବରୁ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିବାରୁ ଏ ନେଇ ଉଚ୍ଚନ୍ୟାୟାଳୟରେ ମକଦ୍ଦମା ହୋଇଥିଲା। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏବଂ ଦେବୋତ୍ତର କମିଶନଙ୍କ ଚିଠି ଅନୁଯାୟୀ 'କୁଡୁଆ ପ୍ରସାଦ' ପ୍ରସ୍ତୁତି ଲାଗି ଖୋଲା ନିଲାମ ଡକାଯାଇଥିଲା। ଏଥିରେ ୯ ଜଣ ବିଡର ଭାଗ ନେଇଥିଲେ। ସର୍ବାଧିକ ୨୫ଲକ୍ଷ ୧୦ହଜାର ୧୦ଟଙ୍କା ଡାକିଥିବା ବିଡର ହରିବନ୍ଧୁ କରଙ୍କୁ ନିଲାମ ପ୍ରଦାନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏ ସମ୍ପର୍କରେ ଦେବୋତ୍ତର କମିଶନରଙ୍କୁ ଜଣାଇ ଦିଆଯିବ ବୋଲି ଏନଏସି ତଥା ଠାକୁର ମାହାଲ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

ପୁରୀ ଶ୍ରୀକ୍ଷେତ୍ରର ମହାପ୍ରସାଦ ଭଳି ନୀଳଗିରି ଠାକୁରଙ୍କ ପାଖରେ ଲାଗି ହେଉଥିବା 'କୁଡୁଆ ପ୍ରସାଦ' ପାଇବାକୁ ବହୁ ଭକ୍ତ ନିତିଦିନ ଅପେକ୍ଷା କରି ରହିଥାନ୍ତି। ପ୍ରସାଦର ଚାହିଦା ଥିବାରୁ ଏହାକୁ ନିଲାମ କରି ମନ୍ଦିର ଲାଗି ରାଜସ୍ୱ ସଂଗ୍ରହ କରାଯାଇଥାଏ। ୨୦୧୮ ଅକ୍ଟୋବରରେ କୁଡୁଆ ପ୍ରସାଦ ନିଲାମ ବେଳେ କେତେକ କାରଣରୁ ଏହା ନିଲାମ ହୋଇ ପାରି ନ ଥିଲା। ଏ ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ ହୋଇଥିଲା । ନ୍ୟାୟାଳୟର ନିର୍ଦ୍ଦେଶ ପରେ ଏହାର ନିଲାମ ଲାଗି ବାଟ ଫିଟିଥିଲା। ଦେବୋତ୍ତର ବିଭାଗ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଲାମ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଗ୍ରହୀ ବିଡରମାନେ ଆବେଦନ କରିଥିଲେ। ତଦନୁଯାୟୀ ବୁଧବାର ପୂର୍ବାହ୍ନରେ ମନ୍ଦିର ନିକଟସ୍ଥ ରାଜବାଟୀ ମୁଖ୍ୟ ଦ୍ୱାର ନିକଟରେ ଥିବା ଠାକୁର ମାହାଲ ଅଫିସରେ ଖୋଲା ନିଲାମ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ଉପଜିଲାପାଳ ତଥା ଠାକୁର ମାହାଲ ପରିଚାଳନା ଟ୍ରଷ୍ଟି ହରିଶଚନ୍ଦ୍ର ଜେନା, ଆଜୀବନ ସଦସ୍ୟା ମନୋଜ ମଞ୍ଜରୀ ଦେବୀ, ଏନଏସି ତଥା ଠାକୁର ମାହାଲ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ନିଲାମ ଡକାଯାଇଥିଲା । ଠାକୁର ମାହାଲ ପକ୍ଷରୁ ସର୍ବନିମ୍ନ ୮ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା । ଉପସ୍ଥିତ ୭ଜଣ ବିଡରଙ୍କ ଭିତରେ ଡାକ ହୋଇଥିଲା। ଦ୍ୱିତୀୟ ସ୍ଥାନରେ ସଞ୍ଜିତ କୁମାର ଆଚାର୍ଯ୍ୟ ୫ଟଙ୍କା କମ୍‌ରେ ଥିଲେ। ଅଧିକ ୫ଟଙ୍କା ବଢ଼ାଇ ୨୫ଲକ୍ଷ ୧୦ହଜାର ୧୦ଟଙ୍କାରେ ଡାକ ଶେଷ ହୋଇଥିଲା । ଠାକୁର ମାହାଲର ବିବାହ, ବ୍ରତ ଆଦି କାର୍ଯ୍ୟକ୍ରମ ଲାଗି ନିଲାମ ହୋଇ ନ ଥିବା ଏଠାରେ ସୂଚନା ଦିଆଯାଇଛି ।

ଧରିତ୍ରୀ
DHARITRI
ବାଲେଶ୍ୱର, ଗୁରୁବାର, ୧୮ ଜୁଲାଇ, ୨୦୧୯



## ଆଜି କ'ଣ କେଉଁଠି

▶ବିଜ୍ଞାପିତ ଅଞ୍ଚଳ ପରିଷଦ ଅଫିସ୍‌ରେ ସମୀକ୍ଷା, ସ୍ଥାନ- ଧାମନଗର, ସମୟ: ଅପରାହ୍ନ ୪ଟା ୩୦।

## ସଂକ୍ଷେପରେ

### ୪ ଦୋକାନ ଜଳିଗଲା

**ବନ୍ତ, ୧୭।୭ (ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ତହସିଲ ଅନ୍ତର୍ଗତ କେନ୍ଦୁଆପଦାସ୍ଥିତ ଆନନ୍ଦବଜାରଠାରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୪ଟି ଦୋକାନ ଗୃହ ଜଳିଯାଇଛି। ଏଥିରେ ଗୋଟିଏ ତେଜରାତି ଦୋକାନ, ଅଟୋପାର୍ଟ୍ସ, ଜେରକ୍ସ ଓ ଗ୍ରାହକ ସେବାକେନ୍ଦ୍ର ରହିଛି। ପ୍ରଥମେ ନକୁଳ ରାଉତଙ୍କ ତେଜରାତି ଦୋକାନରେ ନିଆଁ ଲାଗି ପାଖରେ ଥିବା ନୀଳମଣି ରାଉତ, ଗୋପାଳ ରାଉତ ଓ ଗୋଲକ ରାଉତଙ୍କ ଦୋକାନକୁ ବ୍ୟାପି ଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବର ପାଇ ଭଣ୍ଡାରିପୋଖରୀ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶଟ୍‌ସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି।

### ଘର ସାମ୍ନାରୁ ବାଇକ୍ ଚୋରି

**ଭଣ୍ଡାରିପୋଖରୀ, ୧୭।୭ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ଅଧୀନ ତେସିଙ୍ଗା ପଞ୍ଚାୟତ ବଡ଼ବନସ୍ତା ଗ୍ରାମର ରମେଶ ସାହୁଙ୍କ ବାଇକ୍ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୧୧୧/୧୯) ରୁଜୁ କରି ତଦନ୍ତ ଚଳାଇଛି। ରମେଶ ଘର ସାମ୍ନା ଏକ ଘେରା ଭିତରେ ତାଙ୍କ ବାଇକ୍ (ନଂ.ଓଆର୍‌୦୪ଜେ ୩୫୪୫) ରଖିଥିଲେ। ଗତ ୧୫ ତାରିଖ ରାତିରେ ବାଇକ୍‌ଟି ଚୋରି ହୋଇଯାଇଛି। ଗ୍ରାମର ଦୁଇଜଣ ବ୍ୟକ୍ତି ଛୋଟ ଧରଣର ଚୋରି କରୁଥିବା ନେଇ ଅଭିଯୋଗ ହେଉଥିଲା। ସେହି ବ୍ୟକ୍ତି ଦ୍ୱୟ ତାଙ୍କ ବାଇକ୍ ଚୋରି କରି ନେଇଯାଇଥିବା ରମେଶ ସନ୍ଦେହ କରି ସେମାନଙ୍କ ନାମରେ ଅଭିଯୋଗ କରିଛନ୍ତି।

### ଅଙ୍ଗନୱାଡି କେନ୍ଦ୍ରକୁ ନିମ୍ନମାନର ଖାଦ୍ୟ ଯୋଗାଣ

**ବନ୍ତ,୧୭।୭(ଡି.ଏନ୍.ଏ.):** ବନ୍ତ ବ୍ଲକରେ ୨୩୮ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ବିଭିନ୍ନ ସମୟରେ ନିମ୍ନମାନର ଛତୁଆ ଓ ଲଡୁ ଯୋଗାଣ ହେଉଥିବା ଏବଂ ପ୍ରତ୍ୟେକ ପ୍ୟାକେଟରେ ଓଜନରେ କମ୍ ଖାଦ୍ୟ ରହୁଥିବା ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ମଧ କୌଣସି ପ୍ରତିକାର କରାଯାଉ ନାହିଁ। ଉଲ୍ଲେଖନୀୟ ଯେ, ଅଙ୍ଗନୱାଡି କେନ୍ଦ୍ରରେ ୭ ମାସରୁ ୩ ବର୍ଷ ଶିଶୁଙ୍କ ପାଇଁ ପ୍ରତି ମାସ ୨କିଗ୍ରା ୨୦୦ଗ୍ରାମ ଛତୁଆ, ହାଲୁଆ ନିମନ୍ତେ ୧କିଗ୍ରା ୩୫୦ଗ୍ରାମ ସୁଜି ସମେତ ବେସନ, ଚିନି,ତେଲ, ୧୨ଟି ସିଝା ଅଣ୍ଡା, ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ୪କିଗ୍ରା ୪୧୦ଗ୍ରାମ ଛତୁଆ, ବାଦାମ, ରାଶି ଓ ଗୁଡ ନିର୍ମିତ ୨୫ଟି ଲଡୁ, ୧୨ଟି ସିଝା ଅଣ୍ଡା, ୭ମାସରୁ ୩ ବର୍ଷ ମଧରେ ଅତିଶୟ୍ ପୁଷ୍ଟିହୀନ ଶିଶୁଙ୍କ ପାଇଁ ୪କିଗ୍ରା ୪୧୦ଗ୍ରାମର ଛତୁଆ, ଅଟା ବେସନର ୮୩ଟି ଲଡୁ, ୧୨ଟି ସିଝା ଅଣ୍ଡା ଯୋଗାଇ ଦିଆଯାଉଛି। ସେହିପରି ୩ରୁ ୬ ବର୍ଷ ବୟସର ଅତିଶୟ୍ ପୁଷ୍ଟିହୀନ ଶିଶୁଙ୍କ ପାଇଁ ୧କିଗ୍ରା ୬୨୦ଗ୍ରାମ ଛତୁଆ, ଅଟା ବେସନର ୪୨ଟି ଲଡୁ ଦିଆଯିବା ବ୍ୟବସ୍ଥା ରହିଛି। ନିମ୍ନମାନର ଖାଦ୍ୟ ସାମଗ୍ରୀ ଯୋଗାଣ ଅଭିଯୋଗର ଉଚ୍ଚସ୍ତରୀୟ୍ ତଦନ୍ତ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସିଡିପିଓ ରେଣୁବାଳା ଦାଶଙ୍କୁ ପଚାରିବାରୁ ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ୪ ବର୍ଷ ଧରି ନିଲାମ ହେଉନି ଘାଟ

**ଆରଡ଼ି, ୧୭।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡ଼ି ଓ ତେନ୍ତୁଲିଡିହ ପଞ୍ଚାୟତ ସୀମାକୁ ଲାଗିରହିଛି ତିନିତର ଘାଟ। ଏହି ଘାଟ ଦେଇ ଦୈନିକ ଶତାଧିକ ଲୋକ ଯାତାୟାତ କରନ୍ତି। ସାଳନ୍ଦୀ ଓ ବୈତରଣୀ ନଦୀର ମିଳନସ୍ଥଳ ଭାବେ ଏହି ସ୍ଥାନ ଜଣାଶୁଣା। ଏଠାରେ ଏକ ସେତୁ ନିର୍ମାଣ ପାଇଁ ୩ ବର୍ଷ ତଳେ ମୁଖ୍ୟମନ୍ତ୍ରୀ ଶୁଭ ଦେଇଥିଲେ। ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଏହି ବ୍ଲକ ଉପରେ ନିର୍ଭର କରୁଥିବା ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ଗାଁର ଲୋକେ ଘାଟପାର ଉପରେ ନିର୍ଭର କରୁଛନ୍ତି। ସେହିଭଳି କେନ୍ଦ୍ରାପଡ଼ା, ଚାନ୍ଦବାଲି ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଘାଟ ପାର ହୋଇ ଆଖଣ୍ଡଳମଣି ପୀଠକୁ ଆସିଥାନ୍ତି। ଏଠାରେ ଘାଟ ପାର ହେବାର ମାଧ୍ୟମ ଭୁଟୁଭୁଟି। ପୂର୍ବରୁ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଘାଟ ନିଲାମ ନେଉଥିଲେ। ସେମାନଙ୍କ ନିଲାମ ଅର୍ଥରାଶି ଆରଡ଼ି ଓ ତେନ୍ତୁଲିଡିହ ପଞ୍ଚାୟତ କାର୍ଯ୍ୟାଳୟରେ ୬୦ ଓ ୪୦ ଅନୁପାତରେ ଜମା ହୋଇଥାଏ। ପ୍ରତିବର୍ଷ ଘାଟ ନିଲାମ ହେବାର ନିୟମ ରହିଥିଲେ ମଧ ଏଠାରେ ୪ ବର୍ଷ ଧରି କାହିଁକି ନିଲାମ ହେଉନି ତାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉଲ୍ଲେଖନୀୟ ଯେ, ୨୦୧୫ରେ ଶେଷଥର ପାଇଁ ଏହି ଘାଟ ନିଲାମ ହୋଇଥିଲା। ୧୦ ଲକ୍ଷ ୫୦ ହଜାରରେ ଜଣେ ବ୍ୟକ୍ତି ନିଲାମ ନେଇଥିଲେ। ପରେ ଆଉ ନିଲାମ ପାଇଁ ନୋଟିସ୍ ହୋଇ ନାହିଁ। କେଉଁଭଳି ଭାବେ ଘାଟ ପାରି ଚାଲିଛି ତାହାର କିଛି ତଥ୍ୟ ପ୍ରକାଶ ପାଇନାହିଁ। ୨୦୧୭ରେ ବାର୍ଷିକ ସାଢ଼େ ୪ ଲକ୍ଷ ଟଙ୍କା ହିସାବରେ ପ୍ରତି ମାସରେ କେତେକ ବ୍ୟକ୍ତି ଜମାକରି ଘାଟ ଚଳାଉଥିବା କୁହାଯାଉଛି। ଘାଟ ନିଲାମ ନ ହେବା ଦ୍ୱାରା ରାଜସ୍ୱ ହାନି ଘଟୁଛି। କେତେକ ମୁଷ୍ଟିମେୟ ବ୍ୟକ୍ତି ବ୍ଲକ ପ୍ରଶାସନକୁ ହାତରେ ରଖି ପ୍ରତିବର୍ଷ ଘାଟ ନିଲାମ ନ ହେବା ପାଇଁ ଚାପ ପକାଉଥିବା କୁହାଯାଉଛି। ଏହି ଘାଟରେ ନଦୀପାର ଭଡ଼ା ପ୍ରଶାସନ ପକ୍ଷରୁ ସ୍ଥିର ହୁଏ ନାହିଁ। ଫଳରେ ଘାଟ ବାଲା ନିଜ ଇଚ୍ଛା ଅନୁସାରେ ଭଡ଼ା ସ୍ଥିର କରନ୍ତି। ଭଡ଼ା ସମ୍ପର୍କରେ କୌଣସି ସୂଚନା ଫଳକ ମଧ ଏଠାରେ ଲଗାଯାଇ ନାହିଁ। ଭୁଟୁଭୁଟିରେ ଆବଶ୍ୟକଠାରୁ ଅଧିକ ଲୋକ ବିପଜ୍ଜନକ ଭାବେ ପାର ହେଉଥିଲେ ମଧ ଏଠାରେ କୌଣସି କଟକଣା ନାହିଁ କିମ୍ବା ସୁରକ୍ଷା ବ୍ୟବସ୍ଥା ନାହିଁ। ତେବେ ବର୍ତ୍ତମାନ ବାଇକ୍ ପାର ପାଇଁ ୨୦ ଟଙ୍କା, ସାଇକେଲ ୧୦ ଓ ଲୋକ ଜଣଙ୍କ ପିଛା ୫ ଟଙ୍କା ନିଆଯାଉଛି, ଯାହା ଅନ୍ୟ ଘାଟଠାରୁ ଅଧିକ। ଏହି ଘାଟ ନିଲାମ ନ ହେବା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ପୂର୍ବତନ ସରପଞ୍ଚ କିଶୋର ନାୟକ ପ୍ରତିବର୍ଷ ଘାଟ ନିଲାମ ନ ହେବା ଦ୍ୱାରା ରାଜସ୍ୱ ହାନି ଘଟୁଥିବା ବେଳେ କେତେକ ମୁଷ୍ଟିମେୟ ବ୍ୟକ୍ତି ଉପକୃତ ହେଉଛନ୍ତି ବୋଲି କହିଛନ୍ତି। ଚାନ୍ଦବାଲି ବିଡିଓ ଶ୍ୟାମସୁନ୍ଦର ଟୁଡୁ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବାରୁ ଏ ବିଷୟରେ ଜାଣି ନ ଥିବା କହିଛନ୍ତି। ତେବେ ୨୦୧୯-୨୦ ବର୍ଷ ପାଇଁ ଆସନ୍ତା ୨୫ ତାରିଖରେ ଏହି ଘାଟ ନିଲାମ ହେବାକୁ ଦିନ ଧାର୍ଯ୍ୟ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ରାଜସ୍ୱ ହାନି ଘଟୁଛି



ତିନିତର ଘାଟରେ ଆବଶ୍ୟକଠୁ ଅଧିକ ଲୋକ ପାର ହେଉଛନ୍ତି।

- ବାଜିରେ ଲାଗିଛି ଜୀବନ, ନାହିଁ ସୁରକ୍ଷା ବ୍ୟବସ୍ଥା
- ମନଇଚ୍ଛା ନିଆଯାଉଛି ଭଡ଼ା



ଜିଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ଜିଲାପାଳଙ୍କ ଷୋଳମପୁର ଗସ୍ତ

**ଭଣ୍ଡାରିପୋଖରୀ, ୧୭।୭ (ଡି.ଏନ.ଏ.)**

ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ ବୁଧବାର ମଧାହ୍ନରେ ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ପଞ୍ଚାୟତ ଗସ୍ତ କରିଥିଲେ। ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସେ ଜନସାଧାରଣ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଷୋଳମପୁର ବୌଦ୍ଧବିହାର, ଷୋଳମପୁର ମଧ ଇଂରାଜୀ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ବରାହ ନୂଆପଡ଼ା ନିକଟ ଖୋଲାମୁହଁ ନାଳରେ ପୋଲ ନିର୍ମାଣ କ୍ଷେତ୍ର ପରିଦର୍ଶନ କରିଥିଲେ। ବିରୋଳୀଠାରେ ବନ୍ଦ ହୋଇ ରହିଥିବା ବାତ୍ୟା ଆଶ୍ରୟସ୍ଥଳୀ, ଷୋଳମପୁର ମଣିନାଥପୁରଠାରେ ବେଆଇନ ଭାବେ ପ୍ରତ୍ୟହ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ ସମ୍ପର୍କରେ ସ୍ଥାନୀୟ ଲୋକେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ପରେ ଜିଲାପାଳ ସରସଦା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାପାଳଙ୍କ ସହ ଉପଜିଲାପାଳ ପୀତାମ୍ବର ସାମଲ, ବିଡିଓ ବନମାଳି ତରାଇ, ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ସଞ୍ଜୟ ବାରିକ ପ୍ରମୁଖ ଗସ୍ତ କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ସ୍ଥାନୀୟ ମାଳଦା ସମବାୟ ସଭାପତି ଅରବିନ୍ଦ ନାୟକ, ବିଦ୍ୟାଧର ଜେନା, ପ୍ରଫୁଲ୍ଲ ନାୟକ ଓ ସୁରଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରାମଦ ବିକ୍ରିକୁ ମହିଳାଙ୍କ ବିରୋଧ



ମଦ ଧରିବା ପାଇଁ ମହିଳାଙ୍କ ମେଳି।

**ପଦ୍ମପୁର, ୧୭।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ପଞ୍ଚାୟତ କୁସୁନବିନ୍ଧା ଗ୍ରାମରେ ମଦବିରୋଧୀ ଅଭିଯାନ ଜୋର ଧରିଛି। ବୁଧବାର ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନେ ଦୋକାନରେ ଚଢ଼ାଉ କରି ଚୋରା ମଦ ବିକ୍ରିକୁ ବିରୋଧ କରିଛନ୍ତି। ଗ୍ରାମର ଜଣେ ବ୍ୟକ୍ତି ଦୀର୍ଘଦିନ ଧରି ବାଲେଶ୍ୱର ଜିଲାରୁ ଚୋରାରେ ଦେଶୀମଦ ଆଣି ବିକ୍ରି କରୁଥିଲେ। ଫଳରେ ଗ୍ରାମର କିଶୋର, ଯୁବକମାନେ ମଦ ପିଇ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ କରିବା ସହ ମାର୍‌ପିଟ୍ କରୁଥିଲେ। ଗ୍ରାମରେ ଥିବା ୧୨ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ସଭ୍ୟା ବାରମ୍ବାର ତାଙ୍କୁ ମଦ ବିକ୍ରି ନ କରିବାକୁ ବୁଝାଇଥିଲେ। ହେଲେ ସେ କାହାରି କଥା ନ ଶୁଣି ମଦବିକ୍ରି ଜାରି ରଖିଥିଲେ। ଶତାଧିକ ମହିଳା ବୁଧବାର ମଧାହ୍ନରେ ସେଠାରେ ପହଞ୍ଚି ସେ ବିକ୍ରି କରୁଥିବା ବେଳେ ୪ ଲିଟର ଦେଶୀମଦ ଓ ଗ୍ଲାସ ଛଡ଼ାଇ ଆଣିଥିଲେ। ଏହାକୁ ନେଇ ମଦ ବିକ୍ରେତା ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବା ପାଇଁ ଧମକ ଦେଇଥିବା ଅଭିଯୋଗ ହୋଇଛି। ମହିଳାମାନେ ଏକାଠି ହୋଇ ଗ୍ରାମରେ ଚୋରାମଦ ବିକ୍ରି କରୁଥିବା ଦୁଇ ବ୍ୟକ୍ତିଙ୍କ ନାମରେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ସେମାନେ ଜବତ କରିଥିବା ମଦକୁ ପୋଲିସ ଜିମା ଦେଇଛନ୍ତି। ଚୋରାମଦ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ମହିଳାମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଏହି ମଦ ବିରୋଧୀ ଆନ୍ଦୋଳନରେ କୁସୁନବିନ୍ଧାର ମା' ତାରିଣୀ, ମଙ୍ଗଳା, ଜଗନ୍ନାଥ, ପଶ୍ଚିମା, ଗାୟତ୍ରୀ, ଲକ୍ଷ୍ମୀ, କାଳିକା, ଆଙ୍କୁଡେଶ୍ୱରୀ, ଲକ୍ଷ୍ମୀ ଦଧିବାମନଜୀଉ, ଦୁର୍ଗା, ଶ୍ରୀଜଗନ୍ନାଥ ଆଦି ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା ସାମିଲ ଥିଲେ। ପ୍ରକାଶ ଯେ, ମହିଳାମାନେ ମଦ ଜବତ କରି ଅବକାରୀ ବିଭାଗ ଓ ଥାନାକୁ ଫୋନ ଯୋଗେ ଜଣାଇଥିଲେ ମଧ ଘଟଣାସ୍ଥଳରେ କେହି ପହଞ୍ଚି ନ ଥିଲେ। ଜିଲାରେ ଅବକାରୀ ବିଭାଗ ଚୋରାମଦ ବେପାରୀଙ୍କଠାରୁ ମାସିକିଆ ବଟି ନେଇ ଚୁପ୍ ହୋଇ ବସିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

## ଜବତ ମଦକୁ ପୋଲିସ ଜିମା ଦେଲେ

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ

**ଭଦ୍ରକ ଅଫିସ, ୧୭।୭**

ରାଜ୍ୟ କ୍ରୀଡ଼ା ଛାତ୍ରାବାସ ପାଇଁ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ ପରିସରରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କ୍ରୀଡ଼ାବିତ୍ ଗୋପାଳ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ମନୋଜ କୁମାର ଦାସ ଓ ଶାରୀରିକ ଶିକ୍ଷା ନିରୀକ୍ଷକ ଗଜେନ୍ଦ୍ର ଭାରତୀଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ୭ଟି ବ୍ଲକ ସମେତ ପୌରାଞ୍ଚଳରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପୂର୍ବରୁ ଅନୁଷ୍ଠିତ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭଲିବଲ୍, ଫୁଟ୍‌ବଲ, ବାସ୍କେଟବଲ, କବାଡ଼ି, ଦୌଡ଼ ଖେଳକୁଦ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି।

# ଦୁଗ୍ଧ ସମବାୟ ସମିତିର ନୂତନ କର୍ମକର୍ତ୍ତା

**ବାସୁଦେବପୁର, ୧୭।୭ (ଡି.ଏନ.ଏ.)**

ବାସୁଦେବପୁର ଟାଉନହଲ୍ ପରିସରରେ ବୁଧବାର ଅପରାହ୍ନରେ ଦୁଗ୍ଧ ସମବାୟ ସମିତିର କର୍ମକର୍ତ୍ତା ଓ କ୍ଷୀର ଚାଷୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ଷୀରଚାଷୀଙ୍କ ବିଭିନ୍ନ ସମସ୍ୟା, ଦୁଗ୍ଧର ଅଭାବୀ ବିକ୍ରି, ବାମୁଲ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ସମ୍ପର୍କରେ ସମିତିର କର୍ମକର୍ତ୍ତା ଆଲୋଚନା କରିଥିଲେ। ଏଥିସହ କ୍ଷୀରଚାଷୀ କିପରି ଦାବି ହାସଲ କରିପାରିବେ ଓ ଉଚିତ ମୂଲ୍ୟ ପାଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜାଣିଶୁଣି ବିଭିନ୍ନ କାରଣ ଦର୍ଶାଇ ବାମୁଲ ଅଧିକାରୀମାନେ ବିଭିନ୍ନ ସମିତିରୁ ଅଣାଯାଉଥିବା ଚାଷୀଙ୍କ କ୍ଷୀରକୁ ଫେରାଇ ଦେଉଥିବାରୁ ସେମାନେ ବ୍ୟାପକ ଆର୍ଥିକ କ୍ଷତିରେ ପଡୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅବସରରେ ବାଲେଶ୍ୱର-ଭଦ୍ରକ ଦୁଗ୍ଧ ଚାଷୀ ମହାସଂଘର ବାସୁଦେବପୁର ଶାଖାର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ମନୋଜ କୁମାର ପାଢୀ ସଭାପତି, ସନାତନ ବାରିକ ସମ୍ପାଦକ, ସର୍ବେଶ୍ୱର ସାହୁ ଉପସଭାପତି, ନବକିଶୋର ସେନାପତି ସହସମ୍ପାଦକ ଓ କିଶୋର କୁମାର ମଲ୍ଲିକଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ଅନ୍ୟମାନଙ୍କ ମଧରେ ଲକ୍ଷ୍ମଣ କୁମାର ସାହୁ, ବସନ୍ତ ବାରିକ, ନୀଳମଣି ସେନାପତି, ରମାକାନ୍ତ ବାରିକ, ଲକ୍ଷ୍ମୀଧର ଦାସ, ବିପିନ ବିହାରୀ ବେହେରା, ଅଜିତ୍ କୁମାର ମିଶ୍ର, ଗୋଲକ ବିହାରୀ ସାମଲ, ଶ୍ରୀଧର ଲେଙ୍କା ଓ ଦୀନବନ୍ଧୁ ବାରିକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ନୂତନ କର୍ମକର୍ତ୍ତାଙ୍କୁ ବୈଠକରେ ସ୍ୱାଗତ କରାଯାଇଥିଲା।



ଦୁଗ୍ଧ ସମବାୟ ସମିତି କର୍ମକର୍ତ୍ତାଙ୍କ ବୈଠକ।

# ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ପ୍ରତି ଗୁରୁତ୍ୱ

**ତିହିଡ଼ି, ୧୭।୭(ଡି.ଏନ.ଏ.)**

ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ସୋମବାର ବିଶ୍ୱ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ଶିବିରରେ ମେଡ଼ିକାଲ ଅଫିସର ଡା. ଶୁଭକାନ୍ତ ଓଝା ପୌରୋହିତ୍ୟ କରିଥିଲେ। ପରିବାର ନିୟୋଜନ କରିବା ସହ ମା' ଓ ଶିଶୁର ସ୍ୱାସ୍ଥ୍ୟ ରକ୍ଷା ଲାଗି ଯତ୍ନବାନ ହେବାକୁ ଶିବିରରେ ପରାମର୍ଶ ଦିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ସଚେତନତା ରଥ ବିଭିନ୍ନ ଗ୍ରାମ ପରିକ୍ରମା କରିବ ବୋଲି ସ୍ଥିର କରାଯାଇଥିଲା। ଏହାଛଡ଼ା ଗାଁକଲ୍ୟାଣ ସମିତି ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ଆସନ୍ତା ୨୦ ତାରିଖରେ ଉଭୟ ପୁରୁଷ ଓ ମହିଳାଙ୍କ ଅସ୍ତ୍ରୋପଚାର ପାଇଁ ଦିନ ଧାର୍ଯ୍ୟ ହୋଇଥିବା ସୂଚନା ଦିଆଯାଇଥିଲା। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଆଲୋକ ରଞ୍ଜନ ସାହୁଙ୍କ ପରିଚାଳନାରେ ଆୟୁଷ ଡାକ୍ତର ଦେବସ୍ମିତା ତ୍ରିପାଠୀ, ବ୍ଲକ ପ୍ରୋଗ୍ରାମ ପରିଚାଳକ ଦୀପ୍ତିରଞ୍ଜନ ମଲ୍ଲିକ, ସୁପରଭାଇଜର ଅମରେନ୍ଦ୍ର ପୃଷ୍ଟି, ତପନ ଜେନା, କୃଷ୍ଣଚନ୍ଦ୍ର ରଣା, ଚିନ୍ମୟ ପରିଡ଼ା, ଦେବବ୍ରତ ଦାସ ଏଥିରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଐତିହ୍ୟସ୍ଥଳୀର ସୁରକ୍ଷା ଲାଗି ଦାବିପତ୍ର

**ଭଦ୍ରକ ଅଫିସ, ୧୭।୭**

ଭଦ୍ରକ ଜିଲାର ପ୍ରସିଦ୍ଧ ଐତିହ୍ୟସ୍ଥଳୀରୁ ଗତ କିଛିବର୍ଷ ଧରି ଦୁର୍ଲଭ ଭାସ୍କର୍ଯ୍ୟରାଜି ମୂର୍ତ୍ତି ଚୋରି ହେବାରେ ଲାଗିଛି। ଏହାମଧରେ ଜଣେ ମଧ ଚୋରକୁ ଧରିବାରେ ଜିଲା ପୋଲିସ ସକ୍ଷମ ହୋଇପାରି ନାହିଁ। ବୁଧବାର ଭଦ୍ରକ ଇନ୍‌ଟାକ୍ ଚାପ୍ଟରର କର୍ମକର୍ତ୍ତା ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଏହିସବୁ ପୀଠର ସୁରକ୍ଷା ସହ ମୂର୍ତ୍ତି ଚୋରି ର୍‌ୟାକେଟ୍ ସନ୍ଧାନ କରିବା ପାଇଁ ଦାବି ଜଣାଇଛନ୍ତି। ଏ ନେଇ ସେମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଉଲ୍ଲେଖନୀୟ ଯେ, ଗତ ୪ ତାରିଖରେ ବୌଦ୍ଧବିହାର ଷୋଳମପୁରର ରଘୁନାଥଜୀଉ ମନ୍ଦିରରୁ ଦିନ ଦ୍ୱିପ୍ରହରରେ ଏକ ବୁଦ୍ଧ ମୂର୍ତ୍ତି ପୁନର୍ବାର ଚୋରି ହୋଇଯାଇଛି। ୨୦୧୫ ମେ ୨୫ରେ ପାଳିଆବିନ୍ଧାସ୍ଥିତ ବିରଞ୍ଚିନାରାୟଣ ମନ୍ଦିରରୁ ଏକ ବିଶାଳ ଦଶଭୁଜା ମହିଷମର୍ଦ୍ଦିନୀ ମୂର୍ତ୍ତି, ୨୦୧୬ ଜାନୁୟାରୀ ୧୪ରେ ଦଇସିଂ(କାଉପୁର) ଗ୍ରାମରୁ ୩.୫ ଫୁଟ ଉଚ୍ଚତା ବିଶିଷ୍ଟ ତାରାମୂର୍ତ୍ତି, ସେହିବର୍ଷ ଜୁଲାଇ ୧୭ରେ ଷୋଳମପୁର ଗ୍ରାମରୁ ୨ଟି ବୁଦ୍ଧ ମୂର୍ତ୍ତି ଚୋରି ହୋଇଥିଲା। କୌଣସି ଗୋଟିଏ ଘଟଣାରେ ସମ୍ପୃକ୍ତ ଚୋରଙ୍କୁ ପୋଲିସ ଧରିପାରି ନାହିଁ। ଇନ୍‌ଟାକ୍ ଚାପ୍ଟରର ସଦସ୍ୟ ଦିଗମ୍ବର ମହାନ୍ତି, ଭାଗବତ ତ୍ରିପାଠୀ, ବିଜୟ କୁମାର ମହାନ୍ତି, ବିମ୍ବାଧର ବ୍ରହ୍ମ, ଚିତ୍ତରଞ୍ଜନ ବରାଳ, କାର୍ତ୍ତିକ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଭଣ୍ଡାରିପୋଖରୀ, ୧୭।୭(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିସ୍ଥିତ ବଳଦେବଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଓ ଦୃଷ୍ଟିଦୋଷ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ୧୦ ଛାତ୍ରୀଛାତ୍ରଙ୍କୁ ଦୃଷ୍ଟିଦୋଷ ପାଇଁ ଆଗାମୀ ଦିନରେ ଚଷମା ପ୍ରଦାନ କରାଯିବ। ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ଜ୍ୟୋତିପ୍ରକାଶ ସ୍ୱାଇଁ, ଡ. ସ୍ୱାତୀସରିତା ନାୟକ, ଫାର୍ମାସିଷ୍ଟ ବିନୋଦ ବିହାରୀ ପଣ୍ଡା, ସ୍ୱାସ୍ଥ୍ୟକର୍ମୀ ମଧୁସ୍ମିତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜିତ ସ୍ୱାସ୍ଥ୍ୟ ସମ୍ପର୍କିତ ସଭାରେ ବିଭିନ୍ନ ରୋଗ ବିଷୟରେ କିପରି ସତର୍କତା ଅବଲମ୍ବନ କରାଯିବ ସେ ଦିଗରେ ଡ. ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଇନ୍ଦ୍ରଜିତ ମଲିକ, ଗୌରୀଶଙ୍କର ମିଶ୍ର, ଦାମୋଦର ଶତପଥୀ, ଅମୂଲ୍ୟ ମଲ୍ଲିକ, ମୋନାଲିସା କର, କେଦାରସେନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ର ଶୁଭଙ୍କର ପାଢୀ ଓ ଛାତ୍ରୀ ଲିଜା ପାଢୀ ହାତଧୁଆ କୌଶଳ ପ୍ରଦର୍ଶନରେ ଅଂଶଗ୍ରହଣ କରି ଅନ୍ୟ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।



ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

## ଶିକ୍ଷକଙ୍କ ମାଡ଼ରେ ଛାତ୍ର ଆହତ

# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

**ଧାମନଗର, ୧୭।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ପନ୍ଦରବାଟିଆ ନୋଡାଲ ସ୍କୁଲରେ ଶିକ୍ଷକଙ୍କ ମାଡ଼ରେ ଜଣେ ୭ମ ଶ୍ରେଣୀ ଛାତ୍ର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କଟକ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ବୁଧବାର ସକାଳେ ଅଭିଭାବକଙ୍କ ସମେତ ଗାଁ ଲୋକେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ସମ୍ପୃକ୍ତ ଶିକ୍ଷକଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ସେମାନେ ଦାବି କରିଥିଲେ। ପୂର୍ବରୁ ଅନ୍ୟ ଦୁଇ ଛାତ୍ରଙ୍କୁ ସମ୍ପୃକ୍ତ ଶିକ୍ଷକ ମାଡ଼ ମାରି ଆହତ କରିଥିବା ମଧ ଅଭିଯୋଗ ହୋଇଥିଲା।

ପ୍ରକାଶ ଯେ, ମଙ୍ଗଳବାର ବିଦ୍ୟାଳୟ ଛୁଟି ପରେ ୭ମ ଶ୍ରେଣୀର ଛାତ୍ର ଜଗନ୍ନାଥସାହି ଗ୍ରାମର ସେକ୍ ରଇମୁଦ୍ଦିନଙ୍କ ପୁଅ ସେକ୍ ଅବଦୁଲ ଖଲିକ ଘରକୁ ଫେରି ତାଙ୍କ କାନମୂଳରୁ ରକ୍ତ ବାହାରୁଥିବା ଏବଂ ଜନୈକ ଶିକ୍ଷକ ଚାପୁଡ଼ା ମାରି ଫଟାଇ ଦେଇଥିବା କହିଥିଲେ। ଏପରିକି ମାଡ଼ ପରେ ତାଙ୍କ କାନମୂଳରୁ ରକ୍ତ ବାହାରିବାରୁ ସମ୍ପୃକ୍ତ ଶିକ୍ଷକ ଧୋଇଦେଇ ଏକଥା ପ୍ରଘଟ କଲେ ପୁଣି ଆସନ୍ତାକାଲି ଭୟଙ୍କର ମାଡ଼ ହେବ ବୋଲି ଧମକ ଦେଇଥିବା ସେ ଘର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ବିଦ୍ୟାଳୟକୁ ଯାଇ ଅଭିଯୋଗ କରିବା ସହ ସେକ୍ ଅବଦୁଲଙ୍କୁ ଚିକିତ୍ସା ଲାଗି ଭଦ୍ରକ ନେଇଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରାତିରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ତାଙ୍କ ପରିବାର ପକ୍ଷରୁ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବୁଧବାର ସକାଳେ ଆହତ ଛାତ୍ରଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଶୁଣି ସ୍ଥାନୀୟ ଲୋକେ ଆସି ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଫଳରେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟକୁ ଆସି ବାହାରେ ବସିରହିଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଚୈତନ୍ୟ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରୁ କହିଥିଲେ, ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇବା ପରେ ସେ ସିଆର୍‌ସିଙ୍କୁ ପଠାଇ ଘଟଣାର ଅନୁଧାନ କରିବା ସହ ସମ୍ପୃକ୍ତ ଶିକ୍ଷକ ନିଜେ ଟଙ୍କା ଖର୍ଚ୍ଚ କରି ଆହତ ଛାତ୍ରଙ୍କୁ ଭଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ତଦନ୍ତ ପରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ପନ୍ଦରବାଟିଆ ନୋଡାଲ ସ୍କୁଲରେ ଅଭିଭାବକମାନେ ତାଲା ପକାଇ ଜଗି ରହିଛନ୍ତି।

## ସଂକ୍ଷେପରେ

### ବାପାଙ୍କ ମୃତ୍ୟୁ ଖବର ପାଇ ପୁଅ ମୃତ

ରାଇରଙ୍ଗପୁର,୧୭।୭ (ଡି.ଏନ.ଏ.)- ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଖେଜୁରୀ ଗାଁରେ ବାପାଙ୍କ ମୃତ୍ୟୁ ଖବର ଶୁଣି ପୁଅ ମୃତ୍ୟୁବରଣ କରିବା ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଖେଜୁରୀ ଗାଁର ବୃଦ୍ଧ ସୁନାରାମ ସୋରେନଙ୍କର ବୁଧବାର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ପାଇ ଶ୍ୱଶୁର ଘରେ ରହୁଥିବା ମଝିଆ ପୁଅ ମିର୍ଜା ବାଇକରେ ଆସୁଥିବା ବେଳେ ରାସ୍ତାରେ ହଠାତ୍ ଗୁରୁତର ହୋଇ ପଡିଥିଲେ । ତାଙ୍କୁ ଚିକିତ୍ସା ପାଇଁ ରାଇରଙ୍ଗପୁର ମେଡିକାଲ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବଜ୍ରପାତରେ ଜୀବନଗଲା

କପ୍ତିପଦା,୧୭।୭(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ବଡ ଖଲାଡି ପଞ୍ଚାୟତ ଫୁଲବାଡିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ବୁଧବାର ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ରଞ୍ଜନ ଦଣ୍ଡପାଟ (୪୩) । ରଞ୍ଜନ ମଙ୍ଗଳବାର ଅପରାହ୍ନ ୨ଟାରେ ଗୁହାଳରେ ଗୋରୁ ବାନ୍ଧି ଘରକୁ ଫେରୁଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଉଦଳା ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ମୃତ ରଞ୍ଜନଙ୍କ ୨ ପୁଅ, ବିଧବା ପତ୍ନୀ ଓ ମା' ବାପା ଥିବା ଜଣାପଡିଛି ।

### ଶର୍ଟ ସର୍କିଟ୍‌ରୁ ଜଳିଗଲା ଗୋଦାମଗୃହ

ରାଇରଙ୍ଗପୁର,୧୭।୭(ଡି.ଏନ୍.ଏ.): ରାଇରଙ୍ଗପୁର ଟାଉନ ଥାନା ତଥା ସହରାଞ୍ଚଳ ଅନ୍ତର୍ଗତ ଇଚିଣ୍ଡାବସ୍ତି ଅଞ୍ଚଳର ଗ୍ରୋସରୀ ସାମଗ୍ରୀ ବ୍ୟବସାୟୀ ଘାସି ରାମଙ୍କ ଗୋଦାମଗୃହ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ପୋଡିଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ଗୋଦାମ ଗୃହ ଭିତରେ ୩ ବଖରାରେ ଥିବା ତେଲ, ଚାଉଳ, ଚିନି, ଅଟା, ପିଲାଙ୍କ ବିଭିନ୍ନ ସାମଗ୍ରୀ ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ରାଇରଙ୍ଗପୁର ଦମକଳବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଜନସେବା କେନ୍ଦ୍ର ଦିବସ

କୁଆମରା,୧୭।୭ (ଡି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ସାଇଁକୁଲାଠାରେ ଜନସେବା କେନ୍ଦ୍ର ପକ୍ଷରୁ ଜନସେବା କେନ୍ଦ୍ର ଦିବସ ପାଳିତ ହୋଇଯାଇଛି। ପ୍ରକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାଳିଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିରିଜା ଶଙ୍କର ନାୟକ, ଭବାନୀ ଶଙ୍କର ମହାକୁଡ, ନବୀନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜନସେବା କେନ୍ଦ୍ର ପକ୍ଷରୁ ଉଜ୍ଜ୍ୱଳା ଯୋଜନାରେ ସାଇଁକୁଲା କସ୍ତୁରବା ବାଳିକା ଉଚ୍ଚ ବିଦ୍ୟାଳୟର ୧୧୧ ଛାତ୍ରୀଙ୍କୁ ମାଗଣା ନାପକିନ ବଣ୍ଟନ କରାଯାଇ ଥିଲା। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଦିଲ୍ଲୀପ କୁମାର ସ, ରାଜଶ୍ରୀ ପୃଷ୍ଟି, ଗୌରି ଶଙ୍କର ସାମଲ, ବଳଭଦ୍ର ବେହେରା, ନନ୍ଦିନୀ ପରିଡା, ଲକ୍ଷ୍ମୀମଣି କର, ମଞ୍ଜୁଲତା ଦାସ, ଭବାନୀ ଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟକଙ୍କୁ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଦାବିପତ୍ର

କୁଆମରା,୧୭।୭(ଡି.ଏନ୍.ଏ)- ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ (ପିଅନ) ପକ୍ଷରୁ ବିଭିନ୍ନ ଦାବି ନେଇ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ ହେଉଥିଲେ ମଧ୍ୟ ସରକାର ଅଦ୍ୟାବଧି ସେମାନଙ୍କର ଭତ୍ତା ବୃଦ୍ଧି କରୁ ନାହାନ୍ତି। ଦୀର୍ଘ ବର୍ଷ ଧରି ସେମାନେ ମାସିକ ୧୦୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ପାରିଶ୍ରମିକ ପାଉଛନ୍ତି। ଯାହା ସାଧାରଣ ଶ୍ରମିକର ଗୋଟିଏ ଦିନର ମଜୁରିଠାରୁ ବି କମ୍। ବିଭିନ୍ନ ସମସ୍ୟା ନେଇ ସଂଘ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ଆସୁଛନ୍ତି। ତେବେ ଏ ଦିଗରେ ସରକାର ଉଚିତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।

# ବାରିପଦା ବିଦ୍ୟୁତ୍ ଡିଭିଜନରେ କଳାକାରନାମା

## ଜାଲ୍ ଚେକ ଦେଇ ପୂରଣ କରାଯାଉଥିଲା ଟାର୍ଗେଟ

ବାରିପଦା ଅଫିସ,୧୭।୭

ବିଦ୍ୟୁତ୍ ସେବା ହେଉ କିମ୍ବା ଗ୍ରାହକଙ୍କ ପ୍ରତି ଅଧିକାରୀଙ୍କ ଦୁର୍ବ୍ୟବହାର ଘଟଣା ହେଉ ମୟୂରଭଞ୍ଜ ଜିଲା ବାରିପଦା ବିଦ୍ୟୁତ୍ ଡିଭିଜନ ସବୁ ବେଳେ ଚର୍ଚ୍ଚାରେ ରହି ଆସିଛି। ଏବେ ଏହି ଡିଭିଜନ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଦିଆଯାଉଥିବା ବିଦ୍ୟୁତ୍ ବିଲ୍ ଆଦାୟ ଟାର୍ଗେଟ ପୂରଣ କରିବା ସକାଶେ ବାରିପଦା ବିଦ୍ୟୁତ ଡିଭିଜନର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଜାଲ ଚେକ ବିଭାଗକୁ ଆଣି ଦେଉଥିଲେ। ଏହି କାର୍ଯ୍ୟରେ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀ ସହଯୋଗ କରୁଥିଲେ। ଏଭଳି କଳା କାରନାମା ଏବେ ଧରାପଡିଛି। ଏନେଇ ତଦନ୍ତ ଚାଲିଥିଲେ ମଧ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେବେ ସଂପୃକ୍ତ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ଜଣାପଡିଛି। ଏନେଇ ବିଭାଗୀୟ ଅନ୍ୟ ଅଧିକାରୀମାନେ ମୁଁହ ଖୋଲୁ ନାହାନ୍ତି।

ସୂଚନା ମୁତାବକ ବାରିପଦା ବିଦ୍ୟୁତ ଡିଭିଜନ ଅଧୀନରେ ବାରିପଦା ଟାଉନ, ବାରିପଦା ସଦର, ବେତନଟୀ, କୁଳିଅଣା ଓ ମୋରଡା ଆଦି ୫ ଟି ବିଦ୍ୟୁତ ସବ ଡିଭିଜନ ରହିଛି। ଏହା ଅଧୀନରେ ହଜାର ହଜାର ବିଦ୍ୟୁତ ଉପଭୋକ୍ତା ରହିଛନ୍ତି। ନେସ୍କୋ ଦ୍ୱାରା ପ୍ରତି ମାସ ତଥା ବାର୍ଷିକ ବିଦ୍ୟୁତ ବିଲ ଆଦାୟ ପାଇଁ ଟାର୍ଗେଟ ଦିଆଯାଇଥାଏ। ଟାର୍ଗେଟ ପୂରଣ କଲେ ବିଭାଗୀୟ ଅଧିକାରୀଙ୍କୁ ବିଭାଗ ଦ୍ୱାରା ସମ୍ମାନିତ କରାଯାଇଥାଏ। ତଦ ଅନୁସାରେ ବାରିପଦା ବିଦ୍ୟୁତ ଡିଭିଜନ ପକ୍ଷରୁ କାଗଜପତ୍ରରେ ଟାର୍ଗେଟ ପୂରଣ ଦର୍ଶାଯାଇଥିବା ବେଳେ ବିଭାଗର ବିତ୍ତ ବ୍ୟବସ୍ଥାରେ ଅଧିକ ବକେୟା ପଡି ରହୁଥିଲା। ଏହାକୁ ନେଇ ବିଭାଗର ସନ୍ଦେହ ହେବାରୁ ତଦନ୍ତ କରାଯାଇଥିବା କୁହାଯାଉଛି। ଜାଲ ଚେକ ଦେଇ ଟାର୍ଗେଟ ପୂରଣ କରାଯିବା ଘଟଣା ମଧ୍ୟ ପଦାକୁ ଆସିଛି। ହଜାରେ କି ୨ ହଜାର ନୁହେଁ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜାଲ ଚେକ ବିଭାଗକୁ ଦିଆଯାଇଥିବା ଜଣାପଡିଛି। ଏନେଇ ବିଭାଗ ପକ୍ଷରୁ ଅଧିକ ଖୋଳତାଡ ଜାରି ରହିଛି। ୨୦୧୭ ଜୁନରୁ ୨୦୧୯ ମାର୍ଚ୍ଚ ମଧ୍ୟରେ ଏଭଳି ଜାଲ ଚେକ ବିଭାଗକୁ ଦିଆଯାଇଥିବା କୁହାଯାଉଛି। ସମ୍ପ୍ରତି ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ ଅଡିଟ କରାଯିବା ସକାଶେ ମଧ ପଦକ୍ଷେପ ନିଆଯାଇଛି। ସମସ୍ତ ପେମେଣ୍ଟର ଅଡିଟ କରିବାକୁ ନେସ୍କୋର ସିନିୟର ଜିଏମ(ଏଫ) ଗତ ୧୨ ତାରିଖରେ ପତ୍ର ସଂଖ୍ୟା- ୯୩୩୭(୬)ରେ ଏଜିଏମ (ଏଫ) ସଞ୍ଜୟ କୁମାର ଦେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଡିଟ ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି କୁହାଯାଉଛି। ଜାଲ ଚେକ ଦିଆଯିବା ପରେ ତାହା ବାଉନ୍ସ ହୋଇଯିବା ନେଇ ପୂର୍ବରୁ ନୋଟିସ ଆସୁଥିଲା ବୋଲି ବହୁ ଉପଭୋକ୍ତା ବିଭାଗୀୟ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ ଏହାକୁ ସମ୍ପୃକ୍ତ ଅଧିକାରୀ ଚାପି ରଖିଥିଲେ। ଗତ ମଙ୍ଗଳବାର ନେସ୍କୋ ୟୁଟିଲିଟିର ୨୦ ଜଣ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ବଦଳି ହୋଇଥିବା ବେଳେ ଏହି ଅଧିକାରୀଙ୍କୁ ମଧ ଅନ୍ୟତ୍ର ବଦଳି କରାଯାଇଛି। ମାତ୍ର ବଦଳିରେ କାର୍ଯ୍ୟାନୁଷ୍ଠାନ ସୀମିତ ନ ରଖି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ତ୍ରିପାଠୀ ଦାବି କରିଛନ୍ତି। ଅନ୍ୟପକ୍ଷେ ଏହି ଠକେଇରେ ଆଉ କେତେକ ଅଧିକାରୀ ଜଡିତ ଥିବା ସେ ଅଭିଯୋଗ କରି ଏକ ନିରପେକ୍ଷ ସଂସ୍ଥା ଦ୍ୱାରା ଏହାର ତଦନ୍ତ କରାଯିବାକୁ ଦାବି କରିଛନ୍ତି।

# ଖୁଣ୍ଟରେ ବାନ୍ଧି ଯୁବକଙ୍କୁ ମାଡ଼: ପୋଲିସ ଦ୍ୱାରା ଉଦ୍ଧାର

ଉଦଳା,୧୭।୭(ଡି.ଏନ୍.ଏ.)

ଚୋରି କରିବାକୁ ଜଣେ ବ୍ୟକ୍ତିଙ୍କ ଘରେ ପଶିଥିବା ବେଳେ ଜଣେ ଯୁବକଙ୍କୁ ଗ୍ରାମବାସୀ ଖୁଣ୍ଟରେ ବାନ୍ଧି ନିର୍ଘୁମ ମାଡ଼ ମାରିବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି। ଏନେଇ ଗୃହ ମାଲିକ ଥାନାରେ ଅଭିଯୋଗ କରିଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଉଦଳା ଥାନା ବଡଖମଣ ପଞ୍ଚାୟତ ଉଠାଣିସାହି ଗ୍ରାମର ଜଣେ ଯୁବକ ମଙ୍ଗଳବାର ବିଳମ୍ବିତ ରାତିରେ ଉଦଳା ଏନଏସି ୧୦ ନମ୍ବର ୱାର୍ଡର ବୁଧୁନୀ ହେମ୍ବ୍ରମ୍‌ଙ୍କ ଘରେ ପଶିଥିଲେ । ଏହି ସମୟରେ ବୁଧୁନୀଙ୍କ ୨ ଝିଅ ଚିତ୍କାର କରିବାରୁ ପରିବାରର ଅନ୍ୟ ସଦସ୍ୟମାନେ ଉଠି ପଡିଥିଲେ । ଯୁବକ ଜଣକ ହାତରେ ଡେକଚି, ହାଣ୍ଡି ଧରି ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ପରିବାର ଲୋକେ ତାଙ୍କୁ କାବୁ କରି ଅଟକ ରଖିଥିଲେ । ଏହି ଖବର ସକାଳେ ଜଣାପଡିବା ପରେ ସ୍ଥାନୀୟ ଲୋକେ ଏକଜୁଟ୍ ହୋଇ ସମ୍ପୃକ୍ତ ଯୁବକଙ୍କୁ ଏକ ଖୁଣ୍ଟରେ ବାନ୍ଧି ନିର୍ଘୁମ ମାଡ ମାରିଥିଲେ। ଖବର ପାଇ ଉଦଳା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଯୁବକ ଜଣକୁ ଉଦ୍ଧାର କରି ଥାନାକୁ ନେଇଥିବା ଜଣାଯାଇଛି । ଏ ନେଇ ବୁଧୁନୀଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ବାବଦରେ ସମ୍ପୃକ୍ତ ଯୁବକଙ୍କୁ ପଚାରିବାରୁ ସେ ନିଜର କିଛି ସାଥୀଙ୍କ ସହିତ ମଦ ପିଇବା ନିମନ୍ତେ ବୁଧୁନୀଙ୍କ ଘର ନିକଟକୁ ଯାଇଥିବା ବେଳେ ତାଙ୍କୁ ଗ୍ରାମବାସୀ ଅଟକ ରଖି ମାଡ ମାରିଥିବା ଓ ଚୋରି କରିବାକୁ ଘରେ ପଶିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି। ଏଥିନେଇ ଉଦଳା ଥାନାଧିକାରୀ ସନାତନ ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ ହେବ ବୋଲି କହିଛନ୍ତି ।

# ୩ ପ୍ରକଳ୍ପର ଶିଳାନ୍ୟାସ

ବଡସାହି,୧୭।୭(ସ୍ୱ.ପ୍ର)

ବୁଧବାର ବଡ଼ସାହି ବ୍ଲକର ଭୀମଦା ପଞ୍ଚାୟତରେ 'ଆମ ଗାଁ ଆମ ବିକାଶ' ଯୋଜନାରେ ୩ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତର ମଙ୍ଗଳପୁର ଖେଳ ପଡିଆ ନିକଟରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏକ ସାଂସ୍କୃତିକ ଗୃହର ଶିଳାନ୍ୟାସ କରିଛନ୍ତି । ସେହିପରି ଦାସୀପୁର ଗ୍ରାମର ସାଂସ୍କୃତିକ ଗୃହ ବାବଦରେ ୨ ଲକ୍ଷ ଓ ଭୀମଦା ଗ୍ରାମ ପୋଖରୀତୁଠ ନିର୍ମାଣ ବାବଦରେ ୨ଲକ୍ଷ ଟଙ୍କାର ପ୍ରକଳ୍ପକୁ ଶିଳାନ୍ୟାସ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଭୀମଦା ସରପଞ୍ଚ ମଞ୍ଜୁ ସିଂ, ସମିତି ସଭ୍ୟ ଅତୁଲ୍ୟ ମାହାର୍ଣ୍ଣା, ସହକାରୀ ଯନ୍ତ୍ରୀ ବେଣୁଧର ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।


ବ୍ଲକ ଅଧକ୍ଷାଙ୍କ ଦ୍ୱାରା ପ୍ରକଳ୍ପର ଶିଳାନ୍ୟାସ କରାଯାଉଛି ।

## ଦ୍ୱାରଶୁଣୀ ଘାଟିରେ ଟ୍ରକ୍ ଦୁର୍ଘଟଣା

# ହେଲପରଙ୍କ ମୃତଦେହ ଉଦ୍ଧାର

ବାଙ୍ଗିରିପୋଷି,୧୭।୭(ଡି.ଏନ୍.ଏ):

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ନିକଟସ୍ଥ ଦ୍ୱାରଶୁଣି ଘାଟିରେ ମଙ୍ଗଳବାର ଏକ ଟ୍ରକ ଓଲଟି ଜଣେ ହେଲପରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ହେଲପର କଲିକତା ଅଞ୍ଚଳର ଶନିଗଡ ଗ୍ରାମର ସଞ୍ଜୟ କେୱାତ ବୋଲି ଜଣାପଡିଛି। ଏନଏଲ୦୧-୭୧୭୭ ନମ୍ବର ବିଶିଷ୍ଟ ଟ୍ରକଟି ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଖବର ପାଇ ବାଙ୍ଗିରିପୋଷି ପୋଲିସ ଓ ଦମକଳ ବାହିନୀ ଜଣେ ହେଲପରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ । ଟ୍ରକ ତଳେ ଅନ୍ୟ ଜଣେ ଚାପି ହୋଇ ରହିଥିବା ଜଣାପଡିଥିଲା । ବୁଧବାର ଉଦ୍ଧାର ବେଳେ ଅନ୍ୟଜଣେ ହେଲପର ସଞ୍ଜୟଙ୍କ ମୃତଦେହ ମିଳିଥିଲା । ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇ ଯାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ବାଙ୍ଗିରିପୋଷି ପୋଲିସ ତଦନ୍ତ ଜାରି ରଖିଛି।

# ନୂତନ ମୋଟର ଯାନ ଆଇନକୁ ବିରୋଧ

ବାରିପଦା ଅଫିସ,୧୭।୭

କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂତନ ମୋଟର ଯାନ ଆଇନ ଲୋକ ସଭାରେ ଆଗତ କରାଯାଇଛି। ଏହା ପରିବହନ ଶ୍ରମିକ, ସାଧାରଣ ଜନତା ଓ ଗାଡି ଚାଳକଙ୍କ ବିରୋଧରେ ଯିବ ବୋଲି ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କସ ୟୁନିୟନର ବାରିପଦା ଶାଖା ପକ୍ଷରୁ ବିରୋଧ କରାଯାଇଛି। ସଂଘ ପକ୍ଷରୁ ସଭାପତି ରଘୁନାଥ ପଣ୍ଡାଙ୍କ ସଭାପତିତ୍ୱରେ ବାରିପଦା ବସଷ୍ଟାଣ୍ଡରେ ଏକ ପ୍ରତିବାଦ ସଭା କରାଯାଇଥିଲା। ସଂଘ ପକ୍ଷରୁ କୁହାଯାଇଛି ଯେ, ଏହି ନିୟମ ଦ୍ୱାରା ପୂର୍ବାପେକ୍ଷା ଜରିମାନା ଅଧିକ ଦେବାକୁ ପଡିବ। କଠୋର ଜେଲଦଣ୍ଡ ମଧ ରହିଛି। ଫଳରେ ଡ୍ରାଇଭରମାନେ ଗାଡି ଚଲାଇବା ପାଇଁ ପଛଘୁଞ୍ଚା ଦେବେ। ସେହିପରି ସାଧାରଣ ଜନତା ମଧ ଗାଡି ଚଲାଇବା ବେଳେ ଦୁର୍ଘଟଣା ଘଟିଲେ ବହୁମାତ୍ରାରେ ଜରିମାନା ଓ ଜେଲଦଣ୍ଡ ଭୋଗିବେ। ତେଣୁ ଏହି ଆଇନକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି। ପ୍ରତିବାଦ ସଭାରେ ସାଧାରଣ ସମ୍ପାଦକ ମନୋରଞ୍ଜନ ପରିଡା, ସହ ସାଧାରଣ ସମ୍ପାଦକ ଅକ୍ଷୟ ଖୁଣ୍ଟିଆ, ଅଶୋକ ବେହେରା, ଅମିନ ସାହୁ, ସୁବାସ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ସିଆଇଟିୟୁର ଜିଲା ସଭାପତି ଗିରେନ୍ଦ୍ର ଗୋସ୍ୱାମୀ ସମର୍ଥନ କରି ପ୍ରତିବାଦ ସଭାରେ ସାମିଲ ହୋଇଥିଲେ। ପରେ ସଂଘ ପକ୍ଷରୁ କେନ୍ଦ୍ର ପରିବହନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।


ବାରିପଦା ବସ୍‌ଷ୍ଟାଣ୍ଡରେ ସଂଘ ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା।

# ଜଙ୍ଗଲରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର : ହତ୍ୟା ସନ୍ଦେହ

ଉଦଳା,୧୭।୭(ଡି.ଏନ୍.ଏ.)-

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ କୁଟଲିଂ ଜଙ୍ଗଲରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ବୁଧବାର ପୋଲିସ୍ ଉଦ୍ଧାର କରିଛି । ମୃତ ମହିଳାଙ୍କ ପରିଚୟ ଜଣା ପଡି ନାହିଁ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

ପୋଲିସ୍ ସୂଚନା ଅନୁଯାୟୀ, ଉଦଳା ଥାନା କୁଟଲିଂ ଜଙ୍ଗଲରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ସେମାନେ ଉଦଳା ଥାନାକୁ ଖବର ଦେବାରୁ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି । ମହିଳାଙ୍କ ମୃତଦେହ ନିକଟରୁ ଏକ ସାବୁନ୍ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ କେହି ହତ୍ୟା କରିଥିବା ପୋଲିସ୍ ସନ୍ଦେହ କରୁଛି। ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଚଳାଇଥିଲେ ମଧ କୌଣସି ସୁରାକ ପାଇ ପାରି ନାହାନ୍ତି। ମହିଳା ଜଣକ ଜଙ୍ଗଲକୁ କିପରି ଆସିଲେ ଏବଂ ସେଠାରେ ତାଙ୍କୁ କିଏ ହତ୍ୟା କଲା ସେନେଇ ପୋଲିସ୍ ଖୋଳତାଡ ଜାରି ରଖିଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୪/୧୯) ରୁଜୁ ହୋଇଛି। ମହିଳାଙ୍କ ଶରୀରର ୮୫ ପ୍ରତିଶତ ପୋଡି ଯାଇଥିବାରୁ ତାଙ୍କୁ ଚିହ୍ନିବା କଷ୍ଟକର ହୋଇ ପଡିଛି । ତଦନ୍ତ ପରେ ଖୁବଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଉପଖଣ୍ଡ ପୋଲିସ୍ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର କହିଛନ୍ତି ।

## ■ବାଘୁଆପାଳରେ ହେବ ଆଡ଼ିବନ୍ଧ ନିର୍ମାଣ

# କ୍ଷେତ୍ର ପରିଦର୍ଶନରେ ଆସିଲେ ଅଧିକାରୀ

ବଡସାହି,୧୭।୭(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର ବୁଢ଼ାବଳଙ୍ଗ ନଦୀ ପାର୍ଶ୍ୱରେ ଅବସ୍ଥିତ ବାଘୁଆପାଳ ଗ୍ରାମରେ ନୂତନ ଆଡ଼ିବନ୍ଧ ନିର୍ମାଣ ପାଇଁ ଜଳସେଚନ ବିଭାଗର ଅନୁମୋଦନ ମିଳିଛି। ଏନେଇ ବିଭାଗୀୟ ଅଧିକାରୀମାନେ ବୁଧବାର କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି । ୧୦ କୋଟି ୩୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆଡ଼ିବନ୍ଧ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ଅଟକଳ ପ୍ରସ୍ତୁତ ହୋଇଥିଲା । ଏହି ପ୍ରସ୍ତାବକୁ ଟେକ୍ନିକାଲ ଆଡଭାଇଜର କମିଟି (ଟିଏସି), ହାଇ ପାୱାର କମିଟି (ଏଚ୍‌ପିସି) ଓ ନାବାର୍ଡକୁ ପଠାଯିବା ପରେ ପ୍ରକଳ୍ପ ଅନୁମୋଦନ ଲାଭ କରିଛି। ତେବେ ଏ ସମ୍ପର୍କିତ ଖବର ୨ ବର୍ଷ ଧରି ବାରମ୍ବାର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା। ନାବାର୍ଡରୁ ଅର୍ଥ ମଞ୍ଜୁର ହେବା ପରେ ଟେଣ୍ଡର ପ୍ରକ୍ରିୟା କରାଯାଇ ୬ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଳସେଚନ ବିଭାଗର ଉପ-ନିର୍ବାହୀ ଅଧିକାରୀ ଶଙ୍କର ନାରାୟଣ ମହାପାତ୍ର ଓ ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ସେଠୀ ପ୍ରକାଶ କରିଛନ୍ତି।


ବୁଢ଼ାବଳଙ୍ଗ ନଦୀ କୂଳରେ ଉପସ୍ଥିତ ଗ୍ରାମବାସୀ ।

ବ୍ଲକ ମୁଖ୍ୟାଳୟରୁ ୧୨କି.ମି. ଦୂରରେ ବାଘୁଆପାଳ ଗାଁ ଅବସ୍ଥିତ। ବଡ଼ସାହି ବ୍ଲକ ଶିଆଳୀଘାଟି ପଞ୍ଚାୟତର ୧୧ନମ୍ବର ୱାର୍ଡ ଅନ୍ତର୍ଗତ ବାଘୁଆପାଳ ଗ୍ରାମରେ ୧୧୩ ପରିବାରର ୫ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗାଁର ଉତ୍ତର ପାର୍ଶ୍ୱରେ ବୁଢାବଳଙ୍ଗ ନଦୀ ଓ ଦକ୍ଷିଣ ପାର୍ଶ୍ୱରେ ଏକ ବଡ଼ ନାଳ ଘେରି ରହିଛି। ବର୍ଷା ଦିନେ ଏହି ନଦୀ ଓ ନାଳରେ ପାଣି ଭର୍ତ୍ତି ହୋଇଗଲେ ବାଘୁଆପାଳ ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥାଏ। ଜଳବନ୍ଦୀ ସମୟରେ ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚିବା ପ୍ରଶାସନ ପାଇଁ କାଠିକର ପାଠ ହୋଇଥାଏ । ନଦୀରେ ପ୍ରବାହିତ ହେଉଥିବା ବଣପାହାଡ଼ର ଉଦ୍‌ବୃତ୍ତ ବର୍ଷାଜଳ ଗାଁର ରାସ୍ତାଘାଟରେ ପ୍ରବାହିତ ହୋଇଥାଏ । ବନ୍ୟାଜଳ ଗାଁରେ ପ୍ରବେଶ କରିବା ଦ୍ୱାରା ଲୋକମାନେ ଘରଦ୍ୱାର ଛାଡି ଗୃହପାଳିତ ପଶୁମାନଙ୍କୁ ନେଇ ସୁରକ୍ଷିତ ସ୍ଥାନକୁ ପଳାଇଯାନ୍ତି । ପାଣି ଛାଡ଼ିଲା ପରେ ପ୍ରଶାସନିକ ଅଧିକାରୀମାନେ ଲୋକମାନଙ୍କ ପାଖରେ ପହଞ୍ଚି ଚୂଡ଼ା ଗୁଡ ଦେଇ ନିଜର ଦାୟିତ୍ୱ ସାରି ଦେଇଥାନ୍ତି । ବର୍ଷା ଦିନେ ଜଳବନ୍ଦୀ ହୋଇ ରହୁଥିବା ଲୋକମାନେ ସ୍ଥାୟୀ ପ୍ରତିକାର ପାଇଁ ବାରମ୍ବାର ଦାବି କରି ଆସୁଥିଲେ। ଜିଲାର ବଡ଼ ନଦୀ ବୁଢାବଳଙ୍ଗ କ୍ରମଶଃ କୂଳ ଖାଉଥିବାରୁ ୭୦ ବର୍ଷ ପୂର୍ବେ ମୁକ୍ତାପୁର, ନୀଳକଣ୍ଠପୁର ଓ କୁଆପାଳ ଆଦି ରାଜସ୍ୱ ଗ୍ରାମ ନଦୀ ଗର୍ଭରେ ଲୀନ ହୋଇଯାଇଛି। ସେହି ଗାଁର ଲୋକମାନେ ଏବେ ଉଚ୍ଚ ସ୍ଥାନକୁ ଯାଇ ବସବାସ କରୁଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଗ୍ରାମର ପ୍ରାୟ ୧୫ ପରିବାର ଏଠାରୁ ଉଠିଯାଇ ଅନ୍ୟତ୍ର ବସବାସ କରୁଥିବା ଜଣାଯାଇଛି । ପ୍ରତିବର୍ଷ ନଦୀରେ ଭରପୂର ପାଣି ସହିତ ବନ୍ୟା ହେବାରୁ ନଦୀ କୂଳରୁ ଅତଡା ଖସୁଛି । ୧୫ ବର୍ଷ ମଧ୍ୟରେ ଅତଡା ଖସି ଗ୍ରାମର ପ୍ରାୟ ୫ ଶହ ମିଟର ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇଯାଇଛି । ସେହିପରି ଗାଁ ମଧ୍ୟ ଦେଇ ନିର୍ମାଣ ହେବାକୁ ଥିବା ସୁବର୍ଣ୍ଣରେଖା କେନାଲ ଖନନକୁ ନେଇ ଗ୍ରାମବାସୀଙ୍କ ଉପରେ ବୋଝ ଉପରେ ନଳିତାବିଡା ସଦୃଶ ପାଲଟିଛି । ସରକାରଙ୍କ ପକ୍ଷରୁ ସ୍ଥାୟୀ ସମାଧାନ କରାନଗଲେ ଅଗାମୀ ୧୦ ବର୍ଷ ମଧ୍ୟରେ ବାଘୁଆପାଳ ଗାଁ ରାଜସ୍ୱ ମାନଚିତ୍ରରୁ ହଜିଯିବା ବିଚିତ୍ର ନୁହେଁ ବୋଲି ଗ୍ରାମବାସୀମାନେ କ୍ଷୋଭର ସହ ପ୍ରକାଶ କରିଥିଲେ । ଗତ ୨୦୧୭ ଜୁନ୍ ମାସରେ ଜଳସେଚନ ବିଭାଗର ଅଧିକାରୀମାନେ ବାଘୁଆପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରି ବର୍ଷକ ମଧ୍ୟରେ ନଦୀ କୂଳରେ ପଥର ପ୍ୟାକିଂ ସାଙ୍ଗକୁ ସ୍ପର ନିର୍ମାଣ କରାଯିବାର ପ୍ରତିଶ୍ରୁତି ଦେଇଥିଲେ । ତେବେ ବିଭାଗ ପକ୍ଷରୁ ଆଡିବନ୍ଧ ନିର୍ମାଣ ପାଇଁ ସବୁଜ ସଙ୍କେତ ମିଳିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଗ୍ରାମବାସୀ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଛନ୍ତି ।

### ୨ ମଦ ବେପାରୀ ଗିରଫ

ରାଇରଙ୍ଗପୁର,୧୭।୭ (ଡି.ଏନ୍.ଏ.): ରାଇରଙ୍ଗପୁର ଅବକାରୀ କର୍ତ୍ତୃପକ୍ଷ, ପୋଲିସ ଓ ବନ ବିଭାଗ ପକ୍ଷରୁ ମଙ୍ଗଳବାର ୨ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ରାଇରଙ୍ଗପୁର ଅତିରିକ୍ତ ତହସିଲଦାର ମାଜିଷ୍ଟ୍ରେଟ ମିତାଲି ମଧୁଛନ୍ଦା ପାତ୍ରଙ୍କ ସହାୟତାରେ ରାଇରଙ୍ଗପୁର ପୋଲିସ ସର୍କଲ ଅଧିନସ୍ଥ ବିଭିନ୍ନ ଗ୍ରାମାଞ୍ଚଳରେ ବେଆଇନ ମଦ ଭାଟି ଉପରେ ଅଚାନକ ଚଢ଼ାଉ କରାଯାଇଥିଲା। ପିଠାକୁଟୁଣି ଗ୍ରାମ ନିକଟସ୍ଥ ଏକ ନିର୍ଜନ ସ୍ଥାନରେ ବେଆଇନ ଭାବେ ଦେଶୀ ମଦରନ୍ଧା ହେଉଥିବା ବେଳେ ଏଠାରେ ଚଢ଼ାଉ କରାଯାଇଥିଲା। ଉକ୍ତ ଦେଶୀ ମଦ ଭାଟିରୁ ପ୍ରାୟ ୧୫ ଶହ କେ.ଜି ମହୁଲ ପୋଚ ସହ ମଦ ରନ୍ଧା ସାମଗ୍ରୀ ଜବତ କରି ନଷ୍ଟ କରାଯାଇଥିଲା। ଚଢାଉ ବେଳେ ୨ ଜଣ ମଦ ବେପାରୀଙ୍କୁ ଗିରଫ କରାଯିବା ସହ ୭ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ୨ ମଦ ବେପାରୀ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ାମଟିଳିଆ ଗ୍ରାମର ମିଥୁନ ନାଏକ ଏବଂ ପିଠାକୁଟୁଣୀ ଗ୍ରାମର ସଲମା ମାହାଲି । ଅବକାରୀ କର୍ତ୍ତୃପକ୍ଷ ଏଥିନେଇ ୩ଟି ମାମଲା (ନଂ.୩୭/୧୯, ୩୮/୧୯, ୩୯/୧୯) ରୁଜୁ କରି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ଚଢ଼ାଉରେ ରାଇରଙ୍ଗପୁର ଅବକାରୀ ସର୍କଲ ଇନ୍ସପେକ୍ଟର ସୁବଳ କୁମାର ମହାନ୍ତିଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ପୂର୍ଣ୍ଣେନ୍ଦୁ ରାଉତଙ୍କ ସମେତ ଅବକାରୀ ବିଭାଗୀୟ, ରାଇରଙ୍ଗପୁର ଟାଉନ୍ ଏବଂ ଗ୍ରାମାଞ୍ଚଳ ଥାନାର ବିଭିନ୍ନ ପୋଲିସ ଅଧିକାରୀ ଏବଂ ବନ ବିଭାଗୀୟ କର୍ମଚାରୀ ପ୍ରମୁଖ ସାମିଲ୍ ଥିଲେ।

## ସଂକ୍ଷେପରେ

### କୂଅରେ ପଡ଼ି ବୃଦ୍ଧା ମୃତ

**ପାଟଣା,୧୭।୭(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ପାଟଣା ବ୍ଲକ ବୁଢ଼ୀକାପୁଡି ପଞ୍ଚାୟତ ପୁରନ୍ଦରପୁର ପାତ୍ର ସାହିରେ ମଙ୍ଗଳବାର ରାତିରେ ସୁବାସ ପାତ୍ର (୭୦) ନାମ୍ନୀ ଜଣେ ବୃଦ୍ଧା ଘର ପଛ ପଟେ ଥିବା କୂଅରେ ପଡି ମୃତ୍ୟୁବରଣ କରିଛନ୍ତି। ସେ ଅବିବାହିତା ଥିଲେ। ତୁରୁମୁଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୧୯) ରୁଜୁ କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

### ଯୁବ ଦକ୍ଷତା ଦିବସ ପାଳିତ

**ଆନନ୍ଦପୁର,୧୭। ୭(ସ୍ୱ.ପ୍ର.)**- ଶାଳପଡାଠାରେ ଆନନ୍ଦପୁର ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ବିଶ୍ୱ ଯୁବ ଦକ୍ଷତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଅବସରପ୍ରାପ୍ତ ତଟ ସୁରକ୍ଷାବାହିନୀ ପବିତ୍ର ମୋହନ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଇନଷ୍ଟ୍ରକଟର୍ ଦୀପ୍ତିରଞ୍ଜନ ପାତ୍ର, ଦୀପ୍ତିରଞ୍ଜନ ଜେନା, ପ୍ରସନ୍ନ କୁମାର ରାଉତ, ଦୀପକ ମହାରଣା, ଉତ୍ତମ ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

### ଫେରାର ଅଭିଯୁକ୍ତ ଗିରଫ

**ପାଟଣା,୧୭।୭(ସ୍ୱ.ପ୍ର.)**- ପାଟଣା ଥାନା ମିରିଗୀଖୋଜି ଗ୍ରାମର ଜଣେ ୩୫ବର୍ଷୀୟ ଫେରାର ଅଭିଯୁକ୍ତଙ୍କୁ ପାଟଣା ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ହେଉଛନ୍ତି ସୌମେନ୍ଦ୍ର ମୁଣ୍ଡା। ସୂଚନା ଅନୁଯାୟୀ ସୌମେନ୍ଦ୍ରଙ୍କ ନାମରେ ୨୦୧୫ ମସିହାର ଏକ କୋର୍ଟ ୱାରେଣ୍ଟ ରହିଥିଲା।

### ଗାଡ଼ି ଧକ୍କାରେ ଡ୍ରାଇଭରଙ୍କ ମୃତ୍ୟୁ

**ଯୋଡ଼ା,୧୭।୭ (ଡି.ଏନ୍.ଏ.)**- କେନ୍ଦୁଝର ଜିଲା ଯୋଡ଼ା ଥାନା ଠାରୁ ଅନତିଦୂର ୫୨୦ନଂ ଜାତୀୟ ରାଜପଥରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କାରେ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଯୋଡ଼ା ଥାନା ତଥା ଖଣି ଉପନିର୍ଦ୍ଦେଶାଳୟ ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ଏକ ଟ୍ରକ ଡ୍ରାଇଭର ଓ ହେଲପର ରାତି ପ୍ରାୟ ୧ଟାବେଳେ ଗାଡ଼ିକୁ ଠିଆ କରି ଖାଇବାକୁ ଯାଇଥିଲେ। ଖାଇ ସାରିବା ପରେ ହେଲପର ଜଣକ ଟ୍ରକ ଭିତରେ ଶୋଇଥିବାବେଳେ ଡ୍ରାଇଭର ଦ୍ୱାରିକା ଯାଦବ( ୪୫)ଟ୍ରକ ନିକଟସ୍ଥ ରାସ୍ତା କଡ଼ରେ ହିଁ ଶୋଇଥିଲେ। ସକାଳେ ଦ୍ୱାରିକାଙ୍କୁ କୌଣସି ଏକ ଗାଡ଼ି ଚାପିଦେଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ହେଲପର ଦେଖି ପୋଲିସକୁ ଖବର ଦେଇଥିଲେ। ମୃତ ଡ୍ରାଇଭରଙ୍କ ଘର ଛତିଶଗଡ଼ ବାଲା ଜିଲାର ଅଜୁଙ୍ଗା ଠାରେ ବୋଲି ଜଣାପଡ଼ିଛି। ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହିତ ଏହାର ତଦନ୍ତ ଆରମ୍ଭ କରିଛି।

### କୀଟନାଶକ ଖାଇ ବୃଦ୍ଧଙ୍କ ଆତ୍ମହତ୍ୟା

**ପାଟଣା,୧୭।୭(ସ୍ୱ.ପ୍ର.)**- ପାଟଣା ଥାନା ତଣ୍ଡ ଗ୍ରାମରେ ପାରିବାରିକ କଳହକୁ ନେଇ ଧନେଶ୍ୱର ନାଏକ (୬୩)ନାମକ ଜଣେ ବୃଦ୍ଧ ମଙ୍ଗଳବାର ଅପରାହ୍ନରେ କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି। କୌଣସି କାରଣରୁ ଧନେଶ୍ୱରଙ୍କ ଘରେ ବଚସା ହେବା ପରେ ସେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ଖାଇଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଏକ ଅଟୋରେ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାହାରପଡା ଫାଣ୍ଡି ଅଧିକାରୀ ମନୋହର ମହାନ୍ତ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୧୯) ରୁଜୁ ହୋଇଛି।

# ମାଟୋଆରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

■ଉତ୍ତେଜନା ଜାରି ପୋଲିସକୁ ଠେଲାପେଲା
■ଥାନାରେ ୪ ଅଟକ

**ବଡବିଲ, ୧୭।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲସ୍ଥିତ ମାଇନିଂ ଏରିୟା ଟ୍ରକ ଓନର୍ସ ଆସୋସିଏଶନ(ମାଟୋଆ)ରେ କୌଣସି ଏକ କାରଣକୁ ନେଇ ଜଣେ ସଦସ୍ୟଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ପରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଫଳରେ ଆସୋସିଏଶନରେ ଉତ୍ତେଜନା ବୃଦ୍ଧି ପାଇବାରୁ ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛି। ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା ବେଳେ ପୋଲିସକୁ ଠେଲାପେଲା କରିଛନ୍ତି। ଏନେଇ ପୋଲିସ ୪ ଜଣଙ୍କୁ ଥାନାରେ ଅଟକ ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଟ୍ରକରେ ଲୋଡିଂ ନିମନ୍ତେ ଡାକରା ହେବାକୁ ଥିଲାବେଳେ କୌଣସି କାରଣକୁ ନେଇ ବଚସା ପରେ ଜଣେ ସଦସ୍ୟଙ୍କୁ ଅନ୍ୟ କେତେକ ସଦସ୍ୟ ଆକ୍ରମଣ କରିଥିଲେ। ଏ ନେଇ ବଡବିଲ ଥାନାରେ ଅଭିଯୋଗ ହୋଇଥିବାବେଳେ ଦୁଇଟି ଗୋଷ୍ଠୀରେ ସଦସ୍ୟ ବିଭାଜିତ ହୋଇଥିଲେ। ପୋଲିସ ଏହି ଘଟଣାରେ ୪ ଜଣଙ୍କୁ ଥାନାରେ ଅଟକ ରଖିଥିବାବେଳେ ବୁଧବାର ପୁଣି ସେହି ଘଟଣାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିଲା। ଖବର ପାଇ ଘଟଣାସ୍ଥଳରେ ଫୋର୍ସ ସହିତ ବଡବିଲ ଏସଡିପିଓ ଦିଲୀପ ବାଗ ଓ ଆଇଆଇସି ସୁଶାନ୍ତ କୁମାର ଦାଶ ପହଞ୍ଚି ଉଭୟକ୍ଷମାନଙ୍କୁ ବୁଝାଶୁଝା କରିଥିଲେ ହେଁ କୌଣସି ସମାଧାନ ହୋଇ ନ ଥିଲା। ଫଳରେ ସେହି ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ଜଣାପଡିଛି। ଆସୋସିଏଶନକୁ ନିଜ ଅକ୍ତିଆରରେ ରଖିବାକୁ ଉଭୟ ଗୋଷ୍ଠୀ ଆଗଭର ହେଉଥିବାରୁ ଏଭଳି ପରିସ୍ଥିତି ଉପୁଜି ଥିବା ଅନୁମାନ କରାଯାଉଛି। ତେବେ ପୋଲିସ ଉଭୟପକ୍ଷଙ୍କୁ ଆପୋଷ ବୁଝାମଣା କରି ପରିସ୍ଥିତିକୁ ଆୟତ୍ତ କରିବାକୁ ଚେଷ୍ଟା ଜାରି ରଖିଛି।



ମାଟୋଆ ପରିସରରେ ମୁତୟନ ପୋଲିସ।

# ବର୍ଷାଭାବକୁ ନେଇ ଚିନ୍ତା

**ନଷ୍ଟ ହେବାକୁ ବସିଛି ଧାନ ତଳି**

**ଚମ୍ପୁଆ,୧୭।୭(ଡି.ଏନ.ଏ.)**

ଚମ୍ପୁଆରେ ସ୍ୱାଭାବିକ ବର୍ଷା ହେଉ ନ ଥିବାରୁ ଧାନତଳି ନଷ୍ଟ ହେବାକୁ ବସିଥିବା ବେଳେ ଚାଷୀଙ୍କ ଚିନ୍ତା ବଢିବାରେ ଲାଗିଛି। ମୌସୁମୀ ବର୍ଷାକୁ ଅପେକ୍ଷା କରି ରହିଥିବା ଚାଷୀ ଶେଷରେ ଲଘୁଚାପ ବର୍ଷାକୁ ଅନେଇ ବସିରହିଥିଲେ ମଧ୍ୟ ବର୍ଷାର ଦେଖା ନାହିଁ। ଫଳରେ ଧାନକ୍ଷେତ ଫାଟି ଆଁ କରୁଥିବା ବେଳେ ତଳି ଶୁଖିବା ଆରମ୍ଭ ହେଲାଣି।

ଚମ୍ପୁଆ କୃଷିଜିଲାରେ ଏଥର ସ୍ୱାଭାବିକ ବର୍ଷା ହୋଇନାହିଁ। ଫଳରେ ଚାଷ ନିମନ୍ତେ ରଖାଯାଇଥିବା ଟାର୍ଗେଟ ପୂରଣ ହେବା ନେଇ ସନ୍ଦେହ ଦେଖାଦେଇଛି। ଚମ୍ପୁଆ ବ୍ଲକରେ ଚଳିତ ଋତୁରେ ଧାନ ୧୪୨୦୦ ହେକ୍ଟର ଓ ଅଣଧାନକୁ ମିଶାଇ ୨୨୩୪୦ ହେକ୍ଟର ଟାର୍ଗେଟ ରହିଥିବାବେଳେ ଧାନ ୩୬୭୪ ହେକ୍ଟର ଓ ଅଣଧାନକୁ ମିଶାଇ ୬୦୫୯ ହେକ୍ଟର କରାଯାଇପାରିଛି ଏବଂ ୭୨୦ ହେକ୍ଟର ତଳି ପକାଯାଇଛି। ଝୁମ୍ପୁରା ବ୍ଲକରେ ଧାନ ୧୮୫୫୫ ହେକ୍ଟର ଓ ଅଣଧାନକୁ ମିଶାଇ ୨୪୬୩୦ ହେକ୍ଟର ଟାର୍ଗେଟ ରହିଥିବା ବେଳେ ମାତ୍ର ଧାନ ୪୯୯୩ ହେକ୍ଟର କରାଯାଇଛି ଏବଂ୧୧୧୭ହେକ୍ଟର ତଳି ପକାଯାଇଛି। ସେହିପରି ଯୋଡା ବ୍ଲକରେ ଧାନ ୮୨୭୦ ହେକ୍ଟର ଓ ଅଣଧାନକୁ ମିଶାଇ ୧୪୨୮୫ ହେକ୍ଟର ଟାର୍ଗେଟ ଥିବାବେଳେ ଧାନ ୧୩୦୦ ହେକ୍ଟର କରାଯାଇଛି ଏବଂ ୭୫୦ ହେକ୍ଟର ତଳି ପକାଯାଇଛି। ବର୍ଷା ଅଭାବରୁ ବିଲ ଶୁଖିଲା ଫାଟି ଯାଉଥିବା ବେଳେ ତଳିଗୁଡିକ ଝାଉଁଳିବା ଆରମ୍ଭ ହେଲାଣି। ବର୍ଷା ବିହୁନେ ଚାଷୀ ଆତଙ୍କିତ ହୋଇ ଚିନ୍ତାଗ୍ରସ୍ତ ହୋଇଥିବା ବେଳେ ଚାଷପାଇଁ କରିଥିବା ଖର୍ଚ୍ଚ ପାଇବ କି ନାହିଁ ତାହା ଏବେ ସନ୍ଦିହାନ ହୋଇପଡିଛି। ଏନେଇ ଜିଲା କୃଷି ଅଧିକାରୀ ଗଜେନ୍ଦ୍ରନାଥ ଗୋଛାୟତଙ୍କୁ ପଚାରିବାରୁ ବର୍ଷା ନହେବା ଫଳରେ ଏହି ପରିସ୍ଥିତି ଉପୁଜିଛି। ଆଗକୁ ୨ଦିନ ମଧ୍ୟରେ ବର୍ଷା ନ ହେଲେ ତଳି ନଷ୍ଟ ହେବାର ସମ୍ଭାବନା ଅଧିକ ହେବବୋଲି ସୂଚନା ଦେଇଛନ୍ତି।

## ମହିଳାଙ୍କ ଠାରୁ ଟଙ୍କା ଠକେଇ
# ଗାଳିଗୁଲଜ ଅଭିଯୋଗରେ ଯୁବକ ଗିରଫ

**ଯୋଡ଼ା,୧୭।୭(ଡି.ଏନ.ଏ.)**

ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅଧୀନ ଗୋବର୍ଦ୍ଧନପୁର ଗ୍ରାମର ଜଣେ ମହିଳାଙ୍କୁ ଗାଳିଗୁଲଜ କରିବା ଓ ତାଙ୍କ ଠାରୁ ଟଙ୍କା ଠକେଇ କରିବା ଅଭିଯୋଗରେ ହରିଶ ମୁଣ୍ଡା ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଝୁମ୍ପୁରା ଥାନା ଦୁଦକୁଣ୍ଡି ଗ୍ରାମର ହରିଶ ମୁଣ୍ଡା ଗୋବର୍ଦ୍ଧନପୁର ଅଞ୍ଚଳରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯିବାଆସିବା କରନ୍ତି। ସେ ସେଫ ସପ ନାମକ ଅନଲାଇନ ସଂସ୍ଥାରେ ଗୋଟିଏ ଆକାଉଣ୍ଟରେ ୧୧ହଜାର ଟଙ୍କା ଲେଖାଏଁ ୩ଟି ଆକାଉଣ୍ଟ ଖୋଲି ଉକ୍ତ ଅଞ୍ଚଳର ମହିଳାଙ୍କ ଠାରୁ ସମୁଦାୟ ୩୦ହଜାର ଟଙ୍କା ନେଇଥିଲେ। ଏହି ଆକାଉଣ୍ଟ ମାଧ୍ୟମରେ ମାସକୁ ୫ହଜାର ଟଙ୍କା ମିଳିବାର ଲୋଭ ଦେଖାଇ ଉକ୍ତ ମହିଳାଙ୍କ ଠାରୁ ଏହି ଟଙ୍କା ନେଇଥିଲେ। ତେବେ ଦେଢବର୍ଷ ମଧ୍ୟରେ ଏହି ଟଙ୍କା ନ ମିଳିବାରୁ ଏବଂ କେବଳ ୨୬୦ଟଙ୍କା ତାଙ୍କ ଆକାଉଣ୍ଟକୁ ଆସିଥିବାରୁ ମହିଳାଜଣକ ହରିଶଙ୍କୁ କହିଥିଲେ। ସେ ନ ଶୁଣି ଓଲଟା ମହିଳାଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିବାର ଧମକ ଦେଇଥିଲେ। ଏନେଇ ମହିଳା ଜଣକ ବିଲେଇପଦା ଫାଣ୍ଡିରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତ ହରିଶଙ୍କୁ ଗିରଫ କରିଥିଲେ। ପୋଲିସ ଏହାର ଅଧିକ ତଦନ୍ତ କରିବାରୁ ଅଭିଯୁକ୍ତ ଜଣକ ସେହି ଅଞ୍ଚଳର ଅନ୍ୟ ଜଣଙ୍କଠାରୁ ସେହିପରି ୫ ହଜାର ଟଙ୍କା ଠକି ନେଇଥିବା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ।

# ଲୁହାପଥର ଗୁଣ୍ଡରେ ହେଉଛି ରାସ୍ତା ମରାମତି

**ସରକାର ହରାଉଛନ୍ତି ରାଜସ୍ୱ**

**ଯୋଡ଼ା, ୧୭।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳରେ ରାସ୍ତାରେ ଥିବା ଖାଲଢିପକୁ ପୋତିବା ପାଇଁ ଖଣିଜ ପଦାର୍ଥ ବ୍ୟବହାର କରାଯାଉଛି। ଯୋଡ଼ା ଖଣିମଣ୍ଡଳର ଗୁରୁଡ଼ି-ବାମେବାରୀ ରାଜ୍ୟ ରାଜପଥ ନଂ ୨ରେ ବିପୁଳ ପରିମାଣର ଲୁହାପଥରଗୁଣ୍ଡକୁ ଏକ ନିର୍ଦ୍ଦିଷ୍ଟ ଖଣିରୁ ଆଣି ରାସ୍ତା ମରାମତି କାର୍ଯ୍ୟରେ ବ୍ୟବହାର କରାଯାଉଛି। ତେଣେ ଖଣିରୁ ଗୋଟିଏ ଟ୍ରିପ ମାଟି ପରିବହନ କରିବାକୁ ହେଲେ ଖଣିବିଭାଗଠାରୁ ଅନୁମୋଦନ ନିଆଯାଇ ମାଟିର ମାନ ପରୀକ୍ଷା କରାଯାଏ। ଲୌହାଂଶର ପରିମାଣ ଅନୁଯାୟୀ ରାଜସ୍ୱ ଜମା କରିବା ପରେ ହିଁ ପରିବହନ ଅନୁମୋଦନ ମିଳିଥାଏ। ହେଲେ ଏହି ରାଜରାସ୍ତା ମରାମତିରେ ବିପୁଳ ପରିମାଣର ଲୁହାପଥରଗୁଣ୍ଡ ପକାଇ ନିର୍ମାଣ କରାଯାଉଛି। ତେବେ ରାସ୍ତା ମରାମତି ଆଳରେ ଖଣିରୁ ଲୁହାପଥର ଚୋରାଚାଲାଣ କରାଯାଉଛି ବୋଲି ମଧ୍ୟ ଶୁଣିବାକୁ ମିଳୁଛି। ଶତକଡ଼ା ୫୪ପ୍ରତିଶତ ଲୌହାଂଶ ଥିବା ଲୁହାପଥରଗୁଣ୍ଡ ବିଦେଶକୁ ରପ୍ତାନି କରାଯାଉଛି। ହେଲେ ରାସ୍ତା ନିର୍ମାଣରେ ଏହି ଉନ୍ନତମାନର ଲୁହାପଥରଗୁଣ୍ଡକୁ ପକାଇ ମରାମତି ହେଉଥିବାରୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଛି।

ଗତ କିଛି ବର୍ଷ ପୂର୍ବେ ଏକ ଦୁର୍ଗାମଣ୍ଡପ ନିର୍ମାଣ ପାଇଁ ଏକ ଖଣିରୁ କିଛି ଲୌହମିଶ୍ରିତ ମାଟି ବିନା ଅନୁମୋଦନରେ ପରିବହନ କରାଯାଇଥିଲା। ତତ୍କାଳୀନ ଯୋଡ଼ା ଖଣି ଉପନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ ଏହା ଉପରେ କଟକଣା ଲଗାଇ ଉକ୍ତ ମାଟିମିଶ୍ରିତ ଲୁହାପଥରଗୁଣ୍ଡକୁ ଜବତ କରିବା ସହିତ ପରିବହନ ହୋଇ ଆସିଥିବା ସମ୍ପୃକ୍ତ ଖଣି କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଜାରିକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସେହିପରି ନିକଟ ଅତୀତରେ କିଛି ବଡ଼ ଲୁହାପଥରଖଣ୍ଡ ପରିବହନ କରାଯାଇ ଲହଣ୍ଡାସ୍ଥିତ ଓଜନ କଣ୍ଟାର ରାସ୍ତା ମରାମତି କାର୍ଯ୍ୟରେ ଲଗାଯାଇଥିଲା। ତତ୍କାଳୀନ ଖଣି ଉପନିର୍ଦ୍ଦେଶକ ଏହାକୁ ମଧ୍ୟ ବନ୍ଦ କରିବା ସହିତ ସଂପୃକ୍ତ ଖଣି ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏତେଗୁଡ଼ିଏ ଘଟଣା ଘଟିବାପରେ ମଧ୍ୟ ପୁନଃ ଏହିପରି ଅନିୟମିତତା ନଜରକୁ ଆସିଛି। ଏ ନେଇ ଯୋଡ଼ାସ୍ଥିତ ଖଣି ଉପନିର୍ଦ୍ଦେଶାଳୟର ଖଣି ଉପନିର୍ଦ୍ଦେଶକ ଏଲ.ଡି.ନାଏକଙ୍କୁ ପଚାରିବାରୁ ରୋଡ଼ ମେଣ୍ଟେନାନ୍ସ ପାଇଁ ତାହା ବ୍ୟବହାର କରାଯାଇଥିବ। ତେବେ ଏ ନେଇ କୌଣସି ଖଣି କମ୍ପାନୀକୁ ପରିବହନ ଅନୁମୋଦନ ଦିଆଯାଇ ନାହିଁ। ଏ ସମ୍ପର୍କରେ ସେ ବୁଝିକି ଜଣାଇବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ରାସ୍ତା ମରାମତି କାର୍ଯ୍ୟରେ ପଡ଼ିଥିବା ଲୁହାପଥର ଗୁଣ୍ଡ।

# ମୟୂରଭଞ୍ଜ ମୁକ୍ତିମୋର୍ଚ୍ଚାର ଶାମାଖୁଣ୍ଟା ବ୍ଲକ କମିଟି ଗଠିତ

**ବାରିପଦା ଅଫିସ,୧୭।୭**- ସାମାଜିକ ଅନୁଷ୍ଠାନ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଶାମାଖୁଣ୍ଟା ବ୍ଲକରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲା ସଭାପତି ଧରମରାଜ ହାଁସଦା ଓ ସମ୍ପାଦକ ଗୌରାଙ୍ଗ ସୋରେନ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଜିଲା ଉପସଭାପତି ଚନ୍ଦନ ସିଂଙ୍କ ଆବାହକତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଗଠନର ଶାମାଖୁଣ୍ଟା ବ୍ଲକ କମିଟି ଗଠନ କରାଯାଇଥିଲା। ବ୍ଲକ ସଭାପତି ଭାବେ ସୋମାୟ ସୋରେନ, ଉପସଭାପତି ଛୋଟୁ ସିଂ, ସମ୍ପାଦକ ସରୋଜ ସିଂ, ସହ ସମ୍ପାଦକ ଭାବେ ମୁନା ସିଂ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଆଗାମୀ ଦିନରେ ଏହି ସଂଗଠନ ବ୍ଲକର ବିଭିନ୍ନ ମୌଳିକ ସମସ୍ୟା, ରାସ୍ତା ଘାଟ, ବିଜୁଳି, ତଥା ପାନୀୟଜଳ ସମ୍ପର୍କିତ ସମସ୍ୟାର ସମାଧାନ କରିବା ଦିଗରେ କାର୍ଯ୍ୟ କରିବ ବୋଲି ସଭାପତି ହାଁସଦା କହିଛନ୍ତି।



ସଂଗଠନର କର୍ମକର୍ତ୍ତା।

# ମୋହରିର ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

**ବାରିପଦା ଅଫିସ,୧୭।୭-**

ବାରିପଦା ମୋହରିର ସଂଘର ନିର୍ବାଚନ ଗତ ୧୧ ତାରିଖରେ ଅନୁଷ୍ଠିତ ହୋଇଥିଲା। ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନେ ବୁଧବାର ଶପଥ ଗ୍ରହଣ ସହ ଦାୟିତ୍ୱ ଗ୍ରହଣ କରିଛନ୍ତି । ବାରିପଦା କଚେରୀ ପରିସରରେ ଅନୁଷ୍ଠିତ ଉତ୍ସବରେ ସଂଘର ନିର୍ବାଚନ ଅଧିକାରୀ ଚନ୍ଦ୍ର ମୋହନ ମହାନ୍ତ ସଭାପତିତ୍ୱ କରିଥିଲେ । ପ୍ରଥମେ ନିର୍ବାଚନ ଅଧିକାରୀ ମହାନ୍ତ ନବ ନିର୍ବାଚିତ ସମସ୍ତ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ନବ ନିର୍ବାଚିତ ସଭାପତି ଶରତଚନ୍ଦ୍ର ନାୟକ ପୂର୍ବତନ ସଭାପତି ଗୋବିନ୍ଦ ଅଧିକାରୀଙ୍କଠାରୁ, ନବ ନିର୍ବାଚିତ ଉପସଭାପତି ଚତୁର୍ଭୁଜ ପାତ୍ର ପୂର୍ବତନ ଉପ ସଭାପତି ସତ୍ୟନାଥ ପ୍ରଧାନଙ୍କଠାରୁ, ନବ ନିର୍ବାଚିତ ସହ ସମ୍ପାଦକ ସୁଶାନ୍ତ କୁମାର ପାଢୀ ପୂର୍ବତନ ସହ ସମ୍ପାଦକ ଅରୁଣ କୁମାର ଗୋଛାୟତଙ୍କଠାରୁ, ନବ ନିର୍ବାଚିତ କୋଷାଧକ୍ଷ ଯତିନ ଚନ୍ଦ୍ର ଗିରି ପୂର୍ବତନ କୋଷାଧ୍ୟକ୍ଷ ଅରୁଣ କୁମାର ଘୋଷଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ନବନିର୍ବାଚିତ ସମ୍ପାଦକ ସଂଗ୍ରାମ ଶତପଥୀ ଦ୍ୱିତୀୟ ଥର ପାଇଁ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। ସଂଘର ନବ ନିର୍ବାଚିତ ୧୧ଜଣ କାର୍ଯ୍ୟକାରୀ କମିଟିର ସଦସ୍ୟ ମଧ୍ୟ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି । ସଂଘର ବରିଷ୍ଠ ସଦସ୍ୟ ତଥା ରାଜ୍ୟ ସଂଘର ଉପସଭାପତି ସର୍ବେଶ୍ୱର ଶତପଥୀ, ବାରିପଦା ମୋହରିର ସଂଘର ପୂର୍ବତନ ସମ୍ପାଦକ ମହାଦେବ ଦାସ, ସହଯୋଗୀ ନିର୍ବାଚନ ଅଧିକାରୀ ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ସଂଘର ସମୃଦ୍ଧି ନିମନ୍ତେ ନୂତନ ନିର୍ବାଚିତ କମିଟିର ସଦସ୍ୟ ମାନଙ୍କୁ କାର୍ଯ୍ୟକରିବା ନିମନ୍ତେ ବିଭିନ୍ନ ପରାମର୍ଶ ଦେଇଥିଲେ । ଶେଷରେ ସମ୍ପାଦକ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁଳି ଫୁଟାଇ ଡକାୟତି

**ଠାକୁରମୁଣ୍ଡା,୧୭।୭(ଡି.ଏନ୍.ଏ.)**- ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅନ୍ତର୍ଗତ ଜରକ ପଞ୍ଚାୟତ ଅନ୍ତର୍ଗତ କାଠୁଆ ନୂଆଗାଁ ଗ୍ରାମରେ ବୁଧବାର ରାତି ୭ଟା ବେଳେ ସଶସ୍ତ୍ର ଡକାୟତି ହୋଇଛି। ୭ରୁ ଅଧିକ ଡକାୟତ ବସନ୍ତ ମହାନ୍ତଙ୍କ ଘରେ ପଶି ଗୁଳି ଫୁଟାଇ ପରିବାର ଲୋକଙ୍କୁ ଭୟଭୀତ କରି ନଗଦ ଟଙ୍କା, ସୁନା ଚେନ ସହ ଏକ ବାଇକ ଲୁଟ କରି ନେଇଯାଇଛନ୍ତି। ଲୁଟ ସମ୍ପର୍କରେ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଡକାୟତଙ୍କ ଗୁଳିରେ ଆହତ ହୋଇଥିବା ବସନ୍ତଙ୍କ ଶଳା ଜିତେନ୍ଦ୍ରଙ୍କୁ ଠାକୁରମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି।

# ରେଳସେବା ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ

■କେନ୍ଦ୍ରର ବୈମାତୃକ ମନୋଭାବ
■କପ୍ତିପଦା ଉପଖଣ୍ଡ ରେଳସେବାରୁ ବଞ୍ଚିତ

**ଉଦଳା,୧୭।୭(ଡି.ଏନ୍.ଏ.)**

ଓଡିଶାରେ ରେଳ ସେବାର ବିକାଶ ଲାଗି କେନ୍ଦ୍ର ସରକାର ବିଭିନ୍ନ ସମୟରେ ଅର୍ଥରାଶି ପ୍ରଦାନ କରୁଥିବା ଡିଣ୍ଡିମ ପିଟୁଛନ୍ତି । ମାତ୍ର ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲାରେ ରେଳସେବାର ଆଖିଦୃଶିଆ ବିକାଶ ହୋଇପାରିନାହିଁ। ମୟୂରଭଞ୍ଜ ଜିଲା ସହିତ କପ୍ତିପଦା ଉପଖଣ୍ଡରେ ରେଳ ସଂଯୋଗ କରା ନ ଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ହେବ ବୋଲି ଉଦଳା ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। କେବଳ ମୟୂରଭଞ୍ଜ ମହାରାଜାଙ୍କ ଶାସନ କାଳରେ ନିର୍ମାଣ ହୋଇଥିବା ରୁପସା-ବାଙ୍ଗିରିପୋଷି ଅଣଓସାରିଆ ରେଳପଥକୁ ଓସାରିଆ କରିବା ପାଇଁ କେନ୍ଦ୍ର ସରକାର ସହଯୋଗ କରିଥିଲେ ମଧ୍ୟ ତାହା ଅଧାପନ୍ତରିଆ ହୋଇ ରହିଛି। ଅନ୍ୟପକ୍ଷେ ଜିଲାରେ ୪ଟି ଉପଖଣ୍ଡ ଥିବା ବେଳେ କପ୍ତିପଦା ଉପଖଣ୍ଡକୁ ଅଣଦେଖା କରାଯାଉଛି। ଏହି ଉପଖଣ୍ଡ ନିମନ୍ତେ ରେଳସେବାର ବିକାଶ ଏକାନ୍ତ ଜରୁରୀ ବୋଲି ଉଦଳା ବିଜୁ ଜନତା ଦଳ ପକ୍ଷରୁ ଦାବି ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ବିଭିନ୍ନ ସମୟରେ କେନ୍ଦ୍ର ସରକାର ନିର୍ବାଚନ ସମୟରେ ଭୋଟ ହାତେଇବା ପାଇଁ ରେଳ ସଂଯୋଗୀକରଣର ପ୍ରତିଶ୍ରୁତି ଦେଇ ନିର୍ବାଚନୀ ବୈତରଣୀ ପାରି ହୋଇଥାନ୍ତି। ମାତ୍ର ନିର୍ବାଚନ ପରେ ଏଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ । ୨୦୧୨ ମସିହାରେ ଉଦଳା ନିର୍ବାଚନମଣ୍ଡଳୀର ତତ୍କାଳୀନ ବିଧାୟକ ଶ୍ରୀନାଥ ସୋରେନ୍ ଓଡ଼ିଶା ସରକାରଙ୍କ ରେଳବିଭାଗର କମିଟି ସଦସ୍ୟ ଥିବା ବେଳେ ବାରିପଦାଠାରୁ ଯାଜପୁରରୋଡ ଭାୟା ଆନନ୍ଦପୁର, ଶରତ, କପ୍ତିପଦା ଓ ଉଦଳା ଦେଇ ରେଳଲାଇନ ସଂଯୋଗୀକରଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ କେନ୍ଦ୍ର ରେଳବିଭାଗ ଦ୍ୱାରା ଏହି ରାସ୍ତାର ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ ଭଦ୍ରାଚଳମ୍-ଖଡଗପୁର ରେଳରୁଟ୍ ପାଇଁ ୮୭୫ କିଲୋମିଟର ସର୍ଭେ କରାଯାଇଥିଲା। ଯାହାକି ଶରତ-କପ୍ତିପଦା-ଉଦଳା-ବାରିପଦା-ଶୁଳିଆପଦା ଏହି ସର୍ଭେରେ ସ୍ଥାନ ପାଇଥିଲା। ତେବେ ରେଳବିଭାଗର ନାଲିଫିତା ତଳେ ଏହି ସର୍ଭେ ଫାଇଲ୍ ବନ୍ଧା ହୋଇ ରହିଥିବା ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି । ମୟୂରଭଞ୍ଜ ଜିଲା ସହିତ କପ୍ତିପଦା ଉପଖଣ୍ଡରେ ରେଳ ସଂଯୋଗ କରା ନ ଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ହେବ ବୋଲି ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ନଗର ସଭାପତି ବନମାଳୀ ବେହେରା କହିଛନ୍ତି। ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ପୂର୍ବତନ ବିଧାୟକ ସୋରେନ୍ ପ୍ରକାଶ କରିଛନ୍ତି।

# ଜରାଳୀ ନଦୀରେ ବେଆଇନ ନିର୍ମାଣକୁ ବିରୋଧ

**ବାରିପଦା ଅଫିସ,୧୭।୭**

ମୟୂରଭଞ୍ଜ ଜିଲା ବାରିପଦା ସହରର ପାଳବଣୀ ଛକରୁ ତକତପୁର ମଧ୍ୟରେ ଜରାଳୀ ନଦୀର ଦକ୍ଷିଣ ପାର୍ଶ୍ୱରେ କଂକ୍ରିଟ ୱାଲ ନିର୍ମାଣ କରାଯାଉଛି। ଏହା ଦ୍ୱାରା ନଦୀର ଆୟତନ ଛୋଟ ହୋଇଯାଉଛି। ନଦୀର ଉଭୟ ପାର୍ଶ୍ୱରେ ଜବରଦଖଲକାରୀମାନେ ବେଆଇନଭାବେ ନିର୍ମାଣକାର୍ଯ୍ୟ କରୁଛନ୍ତି। ଜିଲା ପ୍ରଶାସନ ଏହାକୁ ଉଚ୍ଛେଦ କରିବାକୁ ଅଣରାଜନୈତିକ ସଂଗଠନ ଭଞ୍ଜସେନା ଦାବି କରିଛି। ଜବରଦଖଲ ନାଁରେ ଗରିବ ଲୋକଙ୍କୁ ହଇରାଣ କରାଯାଉଥିବା ବେଳେ ଜମି ମାଫିଆମାନଙ୍କୁ ଜିଲା ପ୍ରଶାସନ ଅନୁକମ୍ପା ଦେଖାଉଛି। ତୁରନ୍ତ ଏହି ଜବରଦଖଲକୁ ଉଚ୍ଛେଦ କରିବାକୁ ସେନାର ସହର ସଭାପତି ସୌମ୍ୟରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଉପସଭାପତି ବିଜୁ ସିଂ, ରିତିକ କୁମାର ସିଂ, ସଞ୍ଜୟ ମହାରଣା, ଶମ୍ଭୁନାଥ ରଣାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।



ଭଞ୍ଜସେନା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### କୂଅରେ ପଡ଼ି ବୃଦ୍ଧା ମୃତ

ପାଟଣା,୧୭।୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ବୁଢ଼ୀକାପୁଡି ପଞ୍ଚାୟତ ପୁରନ୍ଦରପୁର ପାତ୍ର ସାହିରେ ମଙ୍ଗଳବାର ରାତିରେ ସୁବାସ ପାତ୍ର (୭୦) ନାମ୍ନୀ ଜଣେ ବୃଦ୍ଧା ଘର ପଛ ପଟେ ଥିବା କୂଅରେ ପଡି ମୃତ୍ୟୁବରଣ କରିଛନ୍ତି। ସେ ଅବିବାହିତା ଥିଲେ। ତୁରୁମୁଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୧୯) ରୁଜୁ କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

### ଯୁବ ଦକ୍ଷତା ଦିବସ ପାଳିତ

ଆନନ୍ଦପୁର,୧୭। ୭(ସ୍ୱ.ପ୍ର.)- ଶାଳପଡାଠାରେ ଆନନ୍ଦପୁର ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ବିଶ୍ୱ ଯୁବ ଦକ୍ଷତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଅବସରପ୍ରାପ୍ତ ତଟ ସୁରକ୍ଷାବାହିନୀ ପବିତ୍ର ମୋହନ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଇନ୍ଷ୍ଟ୍ରକଟର୍ ଦୀପ୍ତିରଞ୍ଜନ ପାତ୍ର, ଦୀପ୍ତିରଞ୍ଜନ ଜେନା, ପ୍ରସନ୍ନ କୁମାର ରାଉତ, ଦୀପକ ମହାରଣା, ଉତ୍ତମ ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ପାଟଣା,୧୭।୭(ସ୍ୱ.ପ୍ର.)- ପାଟଣା ଥାନା ମିରିଗୀଖୋଜି ଗ୍ରାମର ଜଣେ ୩୫ବର୍ଷୀୟ ଫେରାର ଅଭିଯୁକ୍ତଙ୍କୁ ପାଟଣା ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ହେଉଛନ୍ତି ସୌମେନ୍ଦ୍ର ମୁଣ୍ଡା। ସୂଚନା ଅନୁଯାୟୀ ସୌମେନ୍ଦ୍ରଙ୍କ ନାମରେ ୨୦୧୫ ମସିହାର ଏକ କୋର୍ଟ ୱାରେଣ୍ଟ ରହିଥିଲା।

### ଗାଡ଼ି ଧକ୍କାରେ ଡାଇଭରଙ୍କ ମୃତ୍ୟୁ

ଯୋଡ଼ା,୧୭।୭ (ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡ଼ା ଥାନା ଠାରୁ ଅନତିଦୂର ୫୨୦ନଂ ଜାତୀୟ ରାଜପଥରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କାରେ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଯୋଡ଼ା ଥାନା ତଥା ଖଣି ଉପନିର୍ଦ୍ଦେଶାଳୟ ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ଏକ ଟ୍ରକ ଡ୍ରାଇଭର ଓ ହେଲପର ରାତି ପ୍ରାୟ ୧ଟାବେଳେ ଗାଡ଼ିକୁ ଠିଆ କରି ଖାଇବାକୁ ଯାଇଥିଲେ। ଖାଇ ସାରିବା ପରେ ହେଲପର ଜଣକ ଟ୍ରକ ଭିତରେ ଶୋଇଥିବାବେଳେ ଡ୍ରାଇଭର ଦ୍ୱାରିକା ଯାଦବ( ୪୫)ଟ୍ରକ ନିକଟସ୍ଥ ରାସ୍ତା କଡ଼ରେ ହିଁ ଶୋଇଥିଲେ। ସକାଳେ ଦ୍ୱାରିକାଙ୍କୁ କୌଣସି ଏକ ଗାଡ଼ି ଚାପିଦେଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ହେଲପର ଦେଖି ପୋଲିସକୁ ଖବର ଦେଇଥିଲେ। ମୃତ ଡ୍ରାଇଭରଙ୍କ ଘର ଛତିଶଗଡ଼ ବାଲା ଜିଲାର ଅଜୁଙ୍ଗା ଠାରେ ବୋଲି ଜଣାପଡ଼ିଛି। ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହିତ ଏହାର ତଦନ୍ତ ଆରମ୍ଭ କରିଛି।

### କୀଟନାଶକ ଖାଇ ବୃଦ୍ଧଙ୍କ ଆତ୍ମହତ୍ୟା

ପାଟଣା,୧୭।୭(ସ୍ୱ.ପ୍ର.)- ପାଟଣା ଥାନା ତଣ୍ଡ ଗ୍ରାମରେ ପାରିବାରିକ କଳହକୁ ନେଇ ଧନେଶ୍ୱର ନାଏକ (୬୩)ନାମକ ଜଣେ ବୃଦ୍ଧ ମଙ୍ଗଳବାର ଅପରାହ୍ନରେ କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି। କୌଣସି କାରଣରୁ ଧନେଶ୍ୱରଙ୍କ ଘରେ ବଚସା ହେବା ପରେ ସେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ଖାଇଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଏକ ଅଟୋରେ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାହାରପଡା ଫାଣ୍ଡି ଅଧିକାରୀ ମନୋହର ମହାନ୍ତ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୧୯) ରୁଜୁ ହୋଇଛି।

# ମାଟୋଆରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

- ଉତ୍ତେଜନା ଜାରି, ପୋଲିସକୁ ଠେଲାପେଲା
- ଥାନାରେ ୪ ଅଟକ

ବଡବିଲ, ୧୭।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲସ୍ଥିତ ମାଇନିଂ ଏରିୟା ଟ୍ରକ ଓନର୍ସ ଆସୋସିଏଶନ(ମାଟୋଆ)ରେ କୌଣସି ଏକ କାରଣକୁ ନେଇ ଜଣେ ସଦସ୍ୟଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ପରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଫଳରେ ଆସୋସିଏଶନରେ ଉତ୍ତେଜନା ବୃଦ୍ଧି ପାଇବାରୁ ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛି। ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା ବେଳେ ପୋଲିସକୁ ଠେଲାପେଲା କରିଛନ୍ତି। ଏନେଇ ପୋଲିସ ୪ ଜଣଙ୍କୁ ଥାନାରେ ଅଟକ ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଟ୍ରକରେ ଲୋଡିଂ ନିମନ୍ତେ ଡାକରା ହେବାକୁ ଥିଲାବେଳେ କୌଣସି କାରଣକୁ ନେଇ ବଚସା ପରେ ଜଣେ ସଦସ୍ୟଙ୍କୁ ଅନ୍ୟ କେତେକ ସଦସ୍ୟ ଆକ୍ରମଣ କରିଥିଲେ। ଏ ନେଇ ବଡବିଲ ଥାନାରେ ଅଭିଯୋଗ ହୋଇଥିବାବେଳେ ଦୁଇଟି ଗୋଷ୍ଠୀରେ ସଦସ୍ୟ ବିଭାଜିତ ହୋଇଥିଲେ। ପୋଲିସ ଏହି ଘଟଣାରେ ୪ ଜଣଙ୍କୁ ଥାନାରେ ଅଟକ ରଖିଥିବାବେଳେ ବୁଧବାର ପୁଣି ସେହି ଘଟଣାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିଲା। ଖବର ପାଇ ଘଟଣାସ୍ଥଳରେ ଫୋର୍ସ ସହିତ ବଡବିଲ ଏସଡିପିଓ ଦିଲୀପ ବାଗ ଓ ଆଇଆଇସି ସୁଶାନ୍ତ କୁମାର ଦାଶ ପହଞ୍ଚି ଉତ୍ତ୍ୟକ୍ତମାନଙ୍କୁ ବୁଝାଶୁଝା କରିଥିଲେ ହେଁ କୌଣସି ସମାଧାନ ହୋଇ ନ ଥିଲା। ଫଳରେ ସେହି ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ଜଣାପଡିଛି। ଆସୋସିଏଶନକୁ ନିଜ ଅକ୍ତିଆରରେ ରଖିବାକୁ ଉଭୟ ଗୋଷ୍ଠୀ ଆଗଭର ହେଉଥିବାରୁ ଏଭଳି ପରିସ୍ଥିତି ଉପୁଜି ଥିବା ଅନୁମାନ କରାଯାଉଛି। ତେବେ ପୋଲିସ ଉଭୟପକ୍ଷଙ୍କୁ ଆପୋଷ ବୁଝାମଣା କରି ପରିସ୍ଥିତିକୁ ଆୟତ୍ତ କରିବାକୁ ଚେଷ୍ଟା ଜାରି ରଖିଛି।



ମାଟୋଆ ପରିସରରେ ମୁତୟନ ପୋଲିସ।

# ବର୍ଷା ନେଇ ଚାଷୀଙ୍କ ଭାଳେଣି

ଚମ୍ପୁଆ,୧୭।୭(ଡି.ଏନ.ଏ.)

**ନଷ୍ଟ ହେବାକୁ ବସିଛି ଧାନ ତଳି**

ଚମ୍ପୁଆରେ ସ୍ୱାଭାବିକ ବର୍ଷା ହେଉ ନ ଥିବାରୁ ଧାନତଳି ନଷ୍ଟ ହେବାକୁ ବସିଥିବା ବେଳେ ଚାଷୀଙ୍କ ଚିନ୍ତା ବଢିବାରେ ଲାଗିଛି। ମୌସୁମୀ ବର୍ଷାକୁ ଅପେକ୍ଷା କରି ରହିଥିବା ଚାଷୀ ଶେଷରେ ଲଘୁଚାପ ବର୍ଷାକୁ ଅନେଇ ବସିରହିଥିଲେ ମଧ ବର୍ଷାର ଦେଖା ନାହିଁ। ଫଳରେ ଧାନକ୍ଷେତ ଫାଟି ଆଁ କରୁଥିବା ବେଳେ ତଳି ଶୁଖିବା ଆରମ୍ଭ ହେଲାଣି।

ଚମ୍ପୁଆ କୃଷିଜିଲାରେ ଏଥର ସ୍ୱାଭାବିକ ବର୍ଷା ହୋଇନାହିଁ। ଫଳରେ ଚାଷ ନିମନ୍ତେ ରଖାଯାଇଥିବା ଟାର୍ଗେଟ ପୂରଣ ହେବା ନେଇ ସନ୍ଦେହ ଦେଖାଦେଇଛି। ଚମ୍ପୁଆ ବ୍ଲକରେ ଚଳିତ ଋତୁରେ ଧାନ ୧୪୨୦୦ ହେକ୍ଟର ଓ ଅଣଧାନକୁ ମିଶାଇ ୨୨୩୪୦ ହେକ୍ଟର ଟାର୍ଗେଟ ରହିଥିବାବେଳେ ଧାନ ୩୬୭୪ ହେକ୍ଟର ଓ ଅଣଧାନକୁ ମିଶାଇ ୬୦୫୯ ହେକ୍ଟର କରାଯାଇପାରିଛି ଏବଂ ୭୨୦ ହେକ୍ଟର ତଳି ପକାଯାଇଛି। ଝୁମ୍ପୁରା ବ୍ଲକରେ ଧାନ ୧୮୫୫୫ ହେକ୍ଟର ଓ ଅଣଧାନକୁ ମିଶାଇ ୨୪୬୩୦ ହେକ୍ଟର ଟାର୍ଗେଟ ରହିଥିବା ବେଳେ ମାତ୍ର ଧାନ ୪୯୯୩ ହେକ୍ଟର କରାଯାଇଛି ଏବଂ୧୧୧୭ହେକ୍ଟର ତଳି ପକାଯାଇଛି। ସେହିପରି ଯୋଡା ବ୍ଲକରେ ଧାନ ୮୨୬୦ ହେକ୍ଟର ଓ ଅଣଧାନକୁ ମିଶାଇ ୧୪୨୮୫ ହେକ୍ଟର ଟାର୍ଗେଟ ଥିବାବେଳେ ଧାନ ୧୩୦୦ ହେକ୍ଟର କରାଯାଇଛି ଏବଂ ୭୫୦ ହେକ୍ଟର ତଳି ପକାଯାଇଛି। ବର୍ଷା ଅଭାବରୁ ବିଲ ଶୁଖର ଫାଟି ଯାଉଥିବା ବେଳେ ତଳିଗୁଡିକ ଝାଉଁଳିବା ଆରମ୍ଭ ହେଲାଣି। ବର୍ଷା ବିହୁନେ ଚାଷୀ ଆତଙ୍କିତ ହୋଇ ଚିନ୍ତାଗ୍ରସ୍ତ ହୋଇଥିବା ବେଳେ ଚାଷପାଇଁ କରିଥିବା ଖର୍ଚ୍ଚ ପାଇବ କି ନାହିଁ ତାହା ଏବେ ସନ୍ଦିହାନ ହୋଇପଡିଛି। ଏନେଇ ଜିଲା କୃଷି ଅଧିକାରୀ ଗଜେନ୍ଦ୍ରନାଥ ଗୋଛାୟତଙ୍କୁ ପଚାରିବାରୁ ବର୍ଷା ନହେବା ଫଳରେ ଏହି ପରିସ୍ଥିତି ଉପୁଜିଛି। ଆଗକୁ ୨ଦିନ ମଧ୍ୟରେ ବର୍ଷା ନ ହେଲେ ତଳି ନଷ୍ଟ ହେବାର ସମ୍ଭାବନା ଅଧିକ ହେବବୋଲି ସୂଚନା ଦେଇଛନ୍ତି।

## ■ ମହିଳାଙ୍କ ଠାରୁ ଟଙ୍କା ଠକେଇ

# ଗାଳିଗୁଲଜ ଅଭିଯୋଗରେ ଯୁବକ ଗିରଫ

ଯୋଡ଼ା,୧୭।୭(ଡି.ଏନ.ଏ.)

ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅଧୀନ ଗୋବର୍ଦ୍ଧନପୁର ଗ୍ରାମର ଜଣେ ମହିଳାଙ୍କୁ ଗାଳିଗୁଲଜ କରିବା ଓ ତାଙ୍କ ଠାରୁ ଟଙ୍କା ଠକେଇ କରିବା ଅଭିଯୋଗରେ ହରିଶ ମୁଣ୍ଡା ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଝୁମ୍ପୁରା ଥାନା ଦୁଦ୍‌କୁଣ୍ଡି ଗ୍ରାମର ହରିଶ ମୁଣ୍ଡା ଗୋବର୍ଦ୍ଧନପୁର ଅଞ୍ଚଳରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯିବାଆସିବା କରନ୍ତି। ସେ ସେଫ ସପ ନାମକ ଅନଲାଇନ ସଂସ୍ଥାରେ ଗୋଟିଏ ଆକାଉଣ୍ଟରେ ୧୧ହଜାର ଟଙ୍କା ଲେଖାଏଁ ୩ଟି ଆକାଉଣ୍ଟ ଖୋଲି ଉକ୍ତ ଅଞ୍ଚଳର ମହିଳାଙ୍କ ଠାରୁ ସମୁଦାୟ ୩୦ହଜାର ଟଙ୍କା ନେଇଥିଲେ। ଏହି ଆକାଉଣ୍ଟ ମାଧ୍ୟମରେ ମାସକୁ ୫ହଜାର ଟଙ୍କା ମିଳିବାର ଲୋଭ ଦେଖାଇ ଉକ୍ତ ମହିଳାଙ୍କ ଠାରୁ ଏହି ଟଙ୍କା ନେଇଥିଲେ। ତେବେ ଦେଢବର୍ଷ ମଧ୍ୟରେ ଏହି ଟଙ୍କା ନ ମିଳିବାରୁ ଏବଂ କେବଳ ୨୬୦ଟଙ୍କା ତାଙ୍କ ଆକାଉଣ୍ଟକୁ ଆସିଥିବାରୁ ମହିଳାଜଣକ ହରିଶଙ୍କୁ କହିଥିଲେ। ସେ ନ ଶୁଣି ଓଲଟା ମହିଳାଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିବାର ଧମକ ଦେଇଥିଲେ। ଏନେଇ ମହିଳା ଜଣକ ବିଲେଇପଦା ଫାଣ୍ଡିରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତ ହରିଶଙ୍କୁ ଗିରଫ କରିଥିଲେ। ପୋଲିସ ଏହାର ଅଧିକ ତଦନ୍ତ କରିବାରୁ ଅଭିଯୁକ୍ତ ଜଣକ ସେହି ଅଞ୍ଚଳର ଅନ୍ୟ ଜଣଙ୍କଠାରୁ ସେହିପରି ୫ ହଜାର ଟଙ୍କା ଠକି ନେଇଥିବା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ହରିଶ ମୁଣ୍ଡା।

# ଲୁହାପଥର ଗୁଣ୍ଡରେ ହେଉଛି ରାସ୍ତା ମରାମତି

ଯୋଡ଼ା, ୧୭।୭(ଡି.ଏନ.ଏ.)

**ସରକାର ହରାଉଛନ୍ତି ରାଜସ୍ୱ**

ଯୋଡ଼ା ଖଣିମଣ୍ଡଳ ରାସ୍ତାରେ ଥିବା ଖାଲଢିପକୁ ପୋତିବା ପାଇଁ ଖଣିଜ ପଦାର୍ଥ ବ୍ୟବହାର କରାଯାଉଛି। ଯୋଡ଼ା ଖଣିମଣ୍ଡଳର ଜୁରୁଡ଼ି-ବାମେବାରୀ ରାଜ୍ୟ ରାଜପଥ ନଂ ୨ରେ ବିପୁଳ ପରିମାଣର ଲୁହାପଥରଗୁଣ୍ଡକୁ ଏକ ନିର୍ଦ୍ଦିଷ୍ଟ ଖଣିରୁ ଆଣି ରାସ୍ତା ମରାମତି କାର୍ଯ୍ୟରେ ବ୍ୟବହାର କରାଯାଉଛି। ଲୌହାଂଶର ପରିମାଣ ଅନୁଯାୟୀ ରାଜସ୍ୱ ଜମା କରିବା ପରେ ହିଁ ପରିବହନ ଅନୁମୋଦନ ମିଳିଥାଏ। ହେଲେ ଏହି ରାଜରାସ୍ତା ମରାମତିରେ ବିପୁଳ ପରିମାଣର ଲୁହାପଥରଗୁଣ୍ଡ ପକାଇ ନିର୍ମାଣ କରାଯାଉଛି। ରାସ୍ତା ମରାମତି ଆଳରେ ଖଣିରୁ ଲୁହାପଥର ଚୋରାଚାଲାଣ କରାଯାଉଛି ବୋଲି ମଧ୍ୟ ଶୁଣିବାକୁ ମିଳୁଛି। ଶତକଡ଼ା ୫୪ପ୍ରତିଶତ ଲୌହାଂଶ ଥିବା ଲୁହାପଥରଗୁଣ୍ଡ ବିଦେଶକୁ ରପ୍ତାନି କରାଯାଉଛି। ହେଲେ ରାସ୍ତା ନିର୍ମାଣରେ ଏହି ଲୁହାପଥରଗୁଣ୍ଡକୁ ପକାଇ ମରାମତି ହେଉଥିବାରୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଛି।

ଗତ କିଛି ବର୍ଷ ପୂର୍ବେ ଏକ ଦୁର୍ଗାମଣ୍ଡପ ନିର୍ମାଣ ପାଇଁ ଏକ ଖଣିରୁ କିଛି ଲୌହମିଶ୍ରିତ ମାଟି ବିନା ଅନୁମୋଦନରେ ପରିବହନ କରାଯାଇଥିଲା। ତତ୍କାଳୀନ ଯୋଡ଼ା ଖଣି ଉପନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ ଏହା ଉପରେ କଟକଣା ଲଗାଇ ଉକ୍ତ ମାଟିମିଶ୍ରିତ ଲୁହାପଥରଗୁଣ୍ଡକୁ ଜବତ କରିବା ସହିତ ପରିବହନ ହୋଇ ଆସିଥିବା ସମ୍ପୃକ୍ତ ଖଣି କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଜାରିକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଖଣିଜ ଉତ୍ତୋଳନ ପାଇଁ ଲିଜ୍‌ଧାରୀମାନେ ଭାରତ ସରକାରଙ୍କ ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସରୁ ଖଣିରେ ଖଣିଜ ଓ ଖଣିରୁ ବାହାରୁଥିବା ବୈର୍ଜ୍ୟବସ୍ତୁକୁ କେଉଁଠାରେ ରଖାଯିବ ଏହାର ସବିଶେଷ ତଥ୍ୟ ଆଇବିଏମ ସଂସ୍ଥାକୁ ଦିଆଯିବାର ନିୟମ ଅଛି। ହେଲେ ଏହି ସରକାରୀ ସଂସ୍ଥାର ଅନୁମୋଦନ ନ ଆଣି ଏବଂ ରାଜ୍ୟ ସରକାରଙ୍କ ଖଣି ବିଭାଗରୁ ଟ୍ରାଞ୍ଜିଟ ପାସ ଚାଲାଣ ନ ଆଣି କିପରି ଲୁହାପଥର ଗୁଣ୍ଡ ରାସ୍ତା ନିର୍ମାଣ ପାଇଁ ବ୍ୟବହାର କରାଗଲା ତାହା ତଦନ୍ତସାପେକ୍ଷ। ଏହିପରି ଅନେକ ଘଟଣା ଘଟିବାପରେ ମଧ୍ୟ ପୁନଃ ଅନିୟମିତତା ନଜରକୁ ଆସିଛି। ଏ ନେଇ ଯୋଡ଼ାସ୍ଥିତ ଖଣି ଉପନିର୍ଦ୍ଦେଶାଳୟର ଖଣି ଉପନିର୍ଦ୍ଦେଶକ ଏଲ.ଡି.ନାଏକଙ୍କୁ ପଚାରିବାରୁ ରୋଡ଼ ମେଣ୍ଟେନାନ୍ସ ପାଇଁ ତାହା ବ୍ୟବହାର କରାଯାଇଥିବ। ତେବେ ଏ ନେଇ କୌଣସି ଖଣି କମ୍ପାନୀକୁ ପରିବହନ ଅନୁମୋଦନ ଦିଆଯାଇ ନାହିଁ। ଏ ସମ୍ପର୍କରେ ସେ ବୁଝିକି ଜଣାଇବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ରାସ୍ତା ମରାମତି କାର୍ଯ୍ୟରେ ପଡ଼ିଥିବା ଲୁହାପଥର ଗୁଣ୍ଡ।

# ସାମ୍ପ୍ରଦାୟିକ ସଦ୍‌ଭାବନା ପାଇଁ ରାପିଡ ଆକ୍ସନ ଫୋର୍ସର ଅନୁଧ୍ୟାନ




ରାପିଡ ଆକ୍ସନ ଫୋର୍ସଙ୍କ ସହ ଆଲୋଚନା।

ଚମ୍ପୁଆ, ୧୭।୭(ଡି.ଏନ.ଏ.)

ଚମ୍ପୁଆ ସଦର ମହକୁମାରେ ସାମ୍ପ୍ରଦାୟିକ ସଦଭାବନା ବଜାଇରଖିବା ଏବଂ ଆଗକୁ ଯେପରି ଏହି ସଦଭାବନା ବଜାୟ ରହିବ ସେନେଇ କେନ୍ଦ୍ରୀୟ ସୁରକ୍ଷାବଳର ଏକ ବାଟାଲିୟନ ରାପିଡ ଆକ୍ସନ ଫୋର୍ସ ପକ୍ଷରୁ ଅନୁଧ୍ୟାନ କରାଯାଇଛି। ଚମ୍ପୁଆ ଥାନାରେ ଆଇ.ଆଇ.ସି ମନୋରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉଭୟ ହିନ୍ଦୁ, ମୁସଲିମ ସମ୍ପ୍ରଦାୟ ଏବଂ ଶାନ୍ତି କମିଟି ସଭ୍ୟଙ୍କ ସହ ଆଷିଷ୍ଟାଣ୍ଟ କମାଣ୍ଡେଣ୍ଟ ରାଜେନ୍ଦ୍ର କୁମାର, ଇନ୍ସପେକ୍ଟର ଏମ.କେ.ମୁଣ୍ଡ ଓ ସବଇନ୍ସପେକ୍ଟର ମୁରଲି ବିଶ୍ୱାସ ଆଲୋଚନା କରିଛନ୍ତି। ଏହି ବାଟାଲିୟନ ଗତ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଚାଲୁରହିବ ବୋଲି ପ୍ରକାଶ। ୧୦୬ ବାଟାଲିୟନ ରାପିଡ ଆକ୍ସନ ଫୋର୍ସ (ସି.ଆର.ପି) ଏ କମ୍ପାନୀ ପକ୍ଷରୁ ଏହାଏକ ସାମାଜିକ କାର୍ଯ୍ୟକ୍ରମ ବୋଲି ଜଣାପଡିଛି। ଉଭୟ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତି ବିଶେଷଙ୍କ ସହ ବର୍ତ୍ତମାନ, ପୂର୍ବ ଓ ପର ପରିସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଭାଇଚାରା ବଞ୍ଚାଇ ରଖିବା ପାଇଁ ପରାମର୍ଶ ଦେବା ସହିତ ଆଲୋଚନା ମାଧ୍ୟମରେ ପ୍ରସ୍ତୁତ ଡାଟାକୁ ଗୃହମନ୍ତ୍ରାଳୟକୁ ପଠାଯିବ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏମ.ଡି ମୁନି, ଏମ.ଡି ଫାୟାଜ, ସତ୍ୟବାନ କର, ଧିରେଜ ଲାଲ ଚଉଡା, ସୁବାସ ରାମ, କାଶିନାଥ ବେହେରା, ତାଲୁକ ଆଇନ ଭଲେଣ୍ଟିୟର ରାମକୃଷ୍ଣ ଜିତ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ରାପିଡ ଆକ୍ସନ ଫୋର୍ସ ପକ୍ଷରୁ ଶେଷରେ ଚମ୍ପୁଆ ସହରରେ ମକଡ୍ରିଲ କରାଯାଇଥିଲା।

# ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ

ଆନନ୍ଦପୁର,୧୭।୭(ସ୍ୱ.ପ୍ର.)

ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ ଏକ ଜମିଜମା ସଂକ୍ରାନ୍ତୀୟ ଗଣ୍ଡଗୋଳ ଘଟଣାର ବିଚାର କରି ପ୍ରମାଣ ଅଭାବରୁ ମୁଦାଲାମାନଙ୍କୁ ବୁଧବାର ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଗତ ୩।୧୧।୨୦୧୭ରେ ଆନନ୍ଦପୁର ଥାନା ସିଂଡୋଭ ଗ୍ରାମର ନିମାଇଁ ଚରଣ ବେହେରା ଜମିବାଡି ସଂକ୍ରାନ୍ତୀୟ ଗଣ୍ଡଗୋଳକୁ କେନ୍ଦ୍ର କରି ସେହି ଗ୍ରାମର ମଙ୍ଗରାଜ ତରେଇ ଓ ସୀତା ତରେଇଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେସ୍ ନଂ ୧୮୭/୨୦୧୭। ଦଫା ୩୪୧, ୩୨୩, ୨୯୪, ୩୫୪, ୫୦୬ ଓ ୩୪ ଆପିସିରେ ମାମଲା ପଞ୍ଜିକୃତ ହୋଇଥିଲା। ଏହି ମାମଲାର ଜିଆର କେସ (ନଂ ୫୭୫/୧୭) ତଥା ଏସଟି କେସ୍ (ନଂ ୨/୨୦୧୯)। ମୁଦାଲାମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା ଓକିଲ ସଂଘର ସଭାପତି ଜୟନ୍ତ କୁମାର ରାଜ ଓ ସହଯୋଗୀ ଆଇନଜୀବୀ ମକଦ୍ଦମା ପରିଚାଳନା କରିଥିଲେ।

## ■ ଫକିରପୁର ଯୁବକଙ୍କ ମୃତ୍ୟୁ ଘଟଣା

# ବ୍ୟବଚ୍ଛେଦ ରିପୋର୍ଟ ଅପେକ୍ଷାରେ ପୋଲିସ

ଆନନ୍ଦପୁର,୧୭।୭(ସ୍ୱ.ପ୍ର.)

ଆନନ୍ଦପୁର ଥାନା ଅନ୍ତର୍ଗତ ଫକୀରପୁର ୧୧ ନଂ ଓାର୍ଡ ତଳସାହି କାଶୀନାଥ ଦାଶଙ୍କ ପୁଅ ମଣ୍ଟୁଣି ଦାଶଙ୍କ ମୃତ୍ୟୁ ଘଟଣାକୁ ନେଇ ଉଭୟ ବାପ ଘର ଏବଂ ଶ୍ୱଶୁର ଘର ପରିବାରର ଭିନ୍ନ ମତ ତଦନ୍ତ ପ୍ରକ୍ରିୟାକୁ ପ୍ରଭିତ କରିଛି। ବାପା କାଶିନାଥ ମଣ୍ଟୁଣିଙ୍କୁ ଶ୍ୱଶୁରଘର ପରିବାର ଲୋକ ମାରିଥିବା ଅଭିଯୋଗ କରିଥିବାବେଳେ ଏହାକୁ ସ୍ତ୍ରୀ ସୁମିତ୍ରା ଏବଂ ତାଙ୍କ ବାପାଘର ଲୋକ ଖଣ୍ଡନ କରିବା ସହିତ ଭଦ୍ରକ ଥାନା ପୋଲିସ ଆକ୍ରମଣରେ ମୃତ୍ୟୁ ହୋଇଥିବା କହିଛନ୍ତି। ତେବେ ମୃତ୍ୟୁ ଘଟଣାର କୌଣସି ସ୍ୱଷ୍ଟ ସୁରାକ ମିଳିପାରୁନଥିବାବେଳେ ଆନନ୍ଦପୁର ପୋଲିସ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିବା ଜଣାପଡିଛି। ଆନନ୍ଦପୁର ଏସଡିପିଓ ବିଦ୍ୟୁତ୍ କୁମାର ପଣ୍ଡା କହିଛନ୍ତି ଯେ, ତଦନ୍ତକାରୀ ଅଧିକାରୀ ଭଦ୍ରକ ଥାନାକୁ ଯାଇ ଘଟଣା ସମ୍ପର୍କରେ ବୁଝୁଛନ୍ତି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଧରିତ୍ରୀରେ ପ୍ରକାଶ ପାଇଥିବା ଏହି ଖବରକୁ ଆଧାର କରି ଜାତୀୟ ମାନବାଧିକାର ସଦସ୍ୟ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗ (ନଂ ୮୨୬୧/ଆଇଏନ/୨୦୧୯) ଘଟଣାର ତଦନ୍ତ କରି ଭଦ୍ରକ ପୋଲିସ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏହା ସହିତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ମଧ୍ୟ ଅଭିଯୋଗରେ ଦର୍ଶାଇଛନ୍ତି।

# ଫିମ୍ପିମରା ପିଡିଏସ ଚାଉଳ ବଣ୍ଟନ

ଝୁମ୍ପୁରା, ୧୭।୭ (ଡି.ଏନ.ଏ.)

**ହିତାଧିକାରୀ ଅସନ୍ତୋଷ**

ଝୁମ୍ପୁରା ବ୍ଲକ ଅନ୍ତର୍ଗତ କେତେକ ପଞ୍ଚାୟତରେ ପିଡିଏସ ବଣ୍ଟନରେ ବ୍ୟାପକ ଅନିୟମିତତା ନେଇ ପୂର୍ବରୁ ଅଭିଯୋଗ ରହିଛି। ଜଙ୍ଗଲାଞ୍ଚଳରେ ଅବସ୍ଥିତ ଆଦିବାସୀ ଅଧ୍ୟୁଷିତ ବସନ୍ତପୁର ପଞ୍ଚାୟତରେ ୨ଦିନ ଧରି ଫିମ୍ପିମରା ପିଡିଏସ ଚାଉଳ ବଣ୍ଟନ ଯୋଗୁ କାର୍ଡଧାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଗନ୍ଧଯୁକ୍ତ ପିଡିଏସ ଚାଉଳ ବଣ୍ଟନ ବେଳେ ହିତାଧିକାରୀମାନେ ଅସନ୍ତୁଷ୍ଟ ହେବାରୁ ଚାଉଳ ନିଅ ନ ହେଲେ ନାହିଁ ବୋଲି ପଞ୍ଚାୟତ କର୍ମଚାରୀମାନେ କହୁଥିବା ସୂଚନା ମିଳିଛି। ତେବେ ବାଧ ହୋଇ ହିତାଧିକାରୀ ମାନେ ଚାଉଳ ନେଇ ପରେ ଝୁମ୍ପୁରା ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଝୁମ୍ପୁରା ଗୋଦାମରୁ ଚାଉଳ ପରିବହନ କରୁଥିବା ସଂସ୍ଥା, ବସନ୍ତପୁର ପଞ୍ଚାୟତକୁ ଭଲ ଚାଉଳ ପହଞ୍ଚାଇଥିବା ନେଇ ସଫେଇ ଦେଇଛି। ତେବେ ଘଟଣାଟି ପ୍ରଘଟ ହେବା ପରେ ମୁଷ୍ଟିମେୟ ଲୋକ ହିତାଧିକାରୀଙ୍କୁ ଧମକ ଦେବା ସହିତ ବର୍ଷା ଯୋଗୁ ଚାଉଳ ଓଦା ହୋଇଯାଇଥିବା କହୁଛନ୍ତି। ଏନେଇ ଝୁମ୍ପୁରା ବ୍ଲକ ଯୋଗାଣ ଅଧିକାରୀ ସରିତା ମିର୍ଦ୍ଧାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।



ଫିମ୍ପି ମରା ଚାଉଳ ଦିଆଯାଇଛି।

# ଜବରଦଖଲ ରାସ୍ତା ନିର୍ମାଣରେ ବାଧକ

- ପ୍ରଶାସନ ଚୁପ
- ଯାତାୟାତ ବ୍ୟାହତ

କେନ୍ଦୁଝର, ୧୭।୭ (ସ୍ୱ.ପ୍ର.)

କେନ୍ଦୁଝର ସହରରେ ଜବରଦଖଲ ସମସ୍ୟା ଦିନକୁ ଦିନ ଜଟିଳ ହୋଇ ପଡୁଛି। କିଏ ସରକାରୀ ଜମିରେ ଘରବାଡି ଜବରଦଖଲ କରିଛି ତ କିଏ ରାସ୍ତା ଘାଟ ଜବରଦଖଲ କରିଛି। ଫଳରେ ଯାତାୟାତ ଅସୁରକ୍ଷିତ ହୋଇପଡୁଛି । ସହରର ବ୍ୟସ୍ତବହୁଳ ଗାନ୍ଧୀ ଛକ ଚାରିପାଖ ଜବରଦଖଲ ହୋଇଯାଇଥିବାରୁ ରାସ୍ତା ସଙ୍କୁଚିତ ହେବା ସହ ଯାତାୟାତ ବ୍ୟାହତ ହେଉଛି। ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଥିଲେ ହେଁ ଏହାକୁ ଜବରଦଖଲମୁକ୍ତ କରି ପ୍ରଶସ୍ତ କରାଯାଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢୁଛି।

ଏହି ଛକ ଦେଇ ଏନ୍‌ଏଚ ୪୯ ଯାଇଥିବା ବେଳେ ଛକ ଦେଇ ସହରରୁ ପାଣିକୋଇଲି-ରିମୁଳି ଯାଇଥିବା ଏନ୍‌ଏଚ୍ ୨୦କୁ ସଂଯୋଗ ହୋଇଛି। ଛକ ନିକଟରେ ବିପଦପୂର୍ଣ୍ଣ ଭାବେ ବଡ ବଡ ସପିଂ କମ୍ପ୍ଲେକ୍ସ ନିର୍ମାଣ ହେଉଥିବା ଯୋଗୁ ଆଗାମୀ ଦିନରେ ବିପଦ ଅଧିକ ହେବା ଆଶଙ୍କା ରହିଛି । ବିନା ପାର୍କିଂ ଓ ଡ୍ରେନେଜ ବ୍ୟବସ୍ଥାରେ କିପରି ଟାଉନ ପ୍ଲାନିଂ ଓ ପୌରପାଳିକା ବ୍ୟବସାୟିକ କୋଠା ନିର୍ମାଣ କରିବାକୁ ଅନୁମତି ଦେଉଛନ୍ତି ତାହାକୁ ନେଇ ନାନା ସନ୍ଦେହ ଉପୁଜିଛି। ଏଥିରେ ବ୍ୟାପକ ଅର୍ଥ କାରବାର ହୋଇଥିବାରୁ ଏହି ଛକର ଜମି ମାପଚୁପ କରିବାକୁ ଜିଲାପାଳ ହସ୍ତକ୍ଷେପ କରି ତଦନ୍ତ କରିବାକୁ ଦାବି ହେଉଛି। ସେହିପରି ଏହି ବ୍ୟସ୍ତବହୁଳ ଛକ ନିକଟରେ ଘର ନିର୍ମାଣ ପାଇଁ ସାମଗ୍ରୀ ଜମା ହୋଇ ରହିଥିବାରୁ ରାସ୍ତା ସଂକୁଚିତ ହୋଇପଡୁଛି। ପ୍ରଶାସନ ସାଧାରଣ ଗରିବ ଛୋଟ ଛୋଟ ବେପାରୀଙ୍କୁ ରାସ୍ତା କଡ଼ରୁ ଉଚ୍ଛେଦ କରି ବାଃ ବାଃ ନେଉଥିବା ବେଳେ ଏଭଳି ବଡବଡିଆଙ୍କ ପ୍ରତି କୋହଳ ମନୋଭାବ ପ୍ରତିପୋଷଣ କରାଯାଉଛି ବୋଲି ସାମାଜିକ କର୍ମୀ ମନସୁର ଆଲାମ କହିଛନ୍ତି। ସେହିପରି ଏହି ଛକରେ ଟ୍ରାଫିକ ଅବସ୍ଥା ସଙ୍ଗିନ ଥିବା ବେଳେ ସିଗନାଲ ଟ୍ରାଫିକ ଲାଇଟ ଦୀର୍ଘ ଦିନ ହେଲା ଅଚଳ ହୋଇରହିଛି। ଏହାକୁ ସଜଡ଼ା ଯାଉ ନ ଥିବାରୁ ନାନା ସମସ୍ୟା ସୃଷ୍ଟି ହେଉଛି। ବିନା ପାର୍କିଂ ବ୍ୟବସ୍ଥାରେ ହୋଟେଲ, ବ୍ୟାଙ୍କ, ମାର୍କେଟ ଆଦି ଚାଲୁଥିବା ବେଳେ ଅନତିଦୂରରେ ତେଲ ପମ୍ପ ଟ୍ରାଫିକ ସମସ୍ୟାକୁ ଅଧିକ ଜଟିଳ କରୁଛି ବୋଲି ସହରବାସୀ ମତବ୍ୟକ୍ତ କରିଛନ୍ତି। ଏହାକୁ ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ପ୍ରୋତ୍ସାହିତ କରୁଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି।



ଗାନ୍ଧୀ ଛକରେ ଚାଲିଥିବା ରାସ୍ତା ନିର୍ମାଣ।